ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୯ ଜାନୁୟାରୀ, ୨୦୨୩



**ସଂକ୍ଷେପରେ**

## ଡ. ଅନ୍ତର୍ଯ୍ୟାମୀ ସାହୁଙ୍କୁ ସମ୍ବର୍ଦ୍ଧନା



ସିଂହପୁର,୧୮।୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରମୁଁ ଗ୍ରାମ ବାସିନ୍ଦା ତଥା କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ବରିଷ୍ଠ ଡା. ଅନ୍ତର୍ଯ୍ୟାମୀ ସାହୁଙ୍କୁ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବରୁଣେଶ୍ୱର ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ଡ. ସାହୁଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାହୁ ଡାକ୍ତର ସେବା କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି। ଜଣେ ସାମାଜିକ କର୍ମୀ ଓ ପରୋପକାରୀ ବ୍ୟକ୍ତିଭାବେ ସେ ପରିଚିତ। ବହୁ ଗରିବ, ଅସହାୟ ରୋଗୀଙ୍କୁ ମାଗଣା ଚିକିତ୍ସା କରିବା ସହ ମାଗଣା ଔଷଧ ମଧ ଦେଇ ମହନୀୟ କାର୍ଯ୍ୟ କରିଛନ୍ତି। ଏହି ସମ୍ବର୍ଦ୍ଧନା ପରେ ତାଙ୍କୁ ବିଞ୍ଝାରପୁର ନାଗରିକ ମଞ୍ଚର ସଭାପତି ରବୀନ୍ଦ୍ର କୁମାର ଧଳ ଶୁଭେଚ୍ଛା ଜଣାଇଛନ୍ତି।

# ବ୍ୟକ୍ତିଗତ ଜମିରେ ହେବ ବ୍ୟାସ ସରୋବର ମେଳା

ଯାଜପୁର ଅଫିସ,୧୮।୧



ବ୍ୟାସସରୋବର ମେଳାର ବାସ୍ତବ ସ୍ଥାନ।

- ମେଳା ସ୍ଥାନରେ ଶ୍ରମିକଙ୍କ କୁଡିଆ ଘର, ନିର୍ମାଣ ସାମଗ୍ରୀ ଗଦା
- ମେଳା, ମହୋତ୍ସବ ବିରୋଧରେ ରହିତାଦେଶ ନାହିଁ
- ଏନ୍‌ଜିଟି ମାମଲା ପାଇଁ ସ୍ଥାନ ପରିବର୍ତ୍ତନ

ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସ ସରୋବର ମେଳା ନିର୍ଦ୍ଧାରିତ ତିଥି ତଥା ଫେବୃୟାରୀ ୧ରେ ପାଳନ କରାଯିବ। ତେବେ ସେହି ପବିତ୍ର ପୀଠ ବଦଳରେ ବ୍ୟକ୍ତିଗତ ଜମିରେ ଏହି ପ୍ରସିଦ୍ଧ ମେଳା ଆୟୋଜନ କରିବାକୁ ପ୍ରଶାସନିକସ୍ତରରେ ନିଷ୍ପତ୍ତି ହୋଇଛି। ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ କାମରେ ଏନ୍‌ଜିଟି(ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ) ମାମଲା ରହିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି।

ବୁଧବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳ, ପୌର ପରିଷଦ ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, କାର୍ଯ୍ୟନିର୍ବାହୀ ଅଧିକାରୀ ବିକ୍ରମ ମଲ୍ଲିକ, ଥାନାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଏବଂ ପାରିଷଦମାନେ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଥିଲେ। ସମୟ କମ୍ ଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ମେଳାର ଆୟୋଜନ କରିବାକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ପୂର୍ବରୁ ଜିଲାପାଳଙ୍କ ବ୍ୟାସ ସରୋବର ମେଳା ଉପରେ ନକାରାତ୍ମକ ମତାମତକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଧରିତ୍ରୀରେ ପ୍ରଥମେ ୪।୧।୨୦୨୩ରେ ବ୍ୟାସ ସରୋବର ମେଳାକୁ ନେଇ ଚିନ୍ତା ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ବ୍ୟାସନଗର ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହାବାଦ୍ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୋପବନ୍ଧୁ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ପ୍ରଶାସନ ମୁଣ୍ଡ ନୁଆଁଇ ମେଳାର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିବା ମତପ୍ରକାଶ ପାଇଛି। ବ୍ୟାସ ସରୋବର ମେଳା ସହ ଅଞ୍ଚଳବାସୀଙ୍କ ଭାବାବେଗ ରହିଛି। ସେଥିପାଇଁ ବହୁ ପରିଦର୍ଶକ, ପର୍ଯ୍ୟଟକ ଏହାକୁ ଲପଲବ୍ଧି କରି ଏଠାକୁ ପରିଦର୍ଶନରେ ଆସିଥାନ୍ତି । ଏଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟର ଅପୂର୍ବ ସମ୍ଭାର ରହିଛି । ପ୍ରାୟ ୩୦୦ ବର୍ଷ ହେବ ବ୍ୟାସ ସରୋବର ସମ୍ମୁଖ ଆମ୍ବ ତୋଟାରେ ମେଳାର ଆୟୋଜନ ହୋଇଆସୁଥିବା ଜନଶ୍ରୁତି ରହିଛି। ସରୋବର ପରିସରରେ ଗୁପ୍ତ ଗଙ୍ଗା ରହିଛି ଓ ଏହାର ଚତୁଃପାର୍ଶ୍ୱରେ ପଞ୍ଚୁ ପାଣ୍ଡବଙ୍କ ସମେତ ଦୁର୍ଯ୍ୟୋଧନ ଓ ଲକ୍ଷ୍ମୀଙ୍କ ପ୍ରତିମା ଶୋଭା ପାଉଛି । ପ୍ରାଚୀନ କାଳରେ ଏଠାରେ ବୃହତ୍ ସରୋବର ଥିଲା ବୋଲି ଜନଶ୍ରୁତି ରହିଛି । ଏବେ ତାହା ପୋତି ହୋଇଯାଇଛି । ସରୋବରର ପଶ୍ଚିମ ପଟକୁ ଆମ୍ବ ବଗିଚା ଓ ଏକ ପାର୍ଶ୍ୱରେ ରାଘବ ଜୀଉଙ୍କ ମନ୍ଦିର ରହିଛି । ମହାଭାରତର ଶେଷ ଯୁଦ୍ଧ ଏଠାରେ ହୋଇଥିଲା ବୋଲି କିମ୍ବଦନ୍ତୀ ରହିଛି। ଏଭଳିସ୍ଥିତିରେ ସରୋବର ଆମ୍ବତୋଟା ନିକଟରେ ଥିବା ବ୍ୟକ୍ତିଗତ ଜାଗାରେ ମେଳା ଆୟୋଜନ କେତେ ଯୁକ୍ତିଯୁକ୍ତ ହେବ ବୋଲି ସହରରେ ଚର୍ଚ୍ଚା ହେଉଛି।

ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡାଙ୍କ କହିବା ଅନୁସାରେ ଏନଜିଟି ମାମଲା ୪୦, ୫୨, ୬୨ ଓ ୬୪ ପ୍ଲଟ୍ ଉପରେ ରହିଛି। ଜଙ୍ଗଲ ଜମିରେ ସ୍ଥାୟୀ ନିର୍ମାଣ କରିବାକୁ ଏନ୍‌ଜିଟି ପକ୍ଷରୁ ବାରଣ କରାଯାଇଛି। ମେଳା ମହୋତ୍ସବ ବିରୋଧରେ କୌଣସି ରହିତାଦେଶ ନାହିଁ। ପ୍ଲଟ୍ ନମ୍ବର ୫୩(ଏ)ରେ ୦.୩୬ ଡିସିମିଲ, ପ୍ଲଟ୍ ନମ୍ବର ୫୫(ଏ)ରେ ୨.୧୯ ଡିସିମିଲ ପୁରାତନ ପତିତ, ପ୍ଲଟ୍‌ନମ୍ବର ୫୬(ଏ)ରେ ୨.୮୫ ଡେସିମିଲ କିସମ ଆମ୍ବ ବଗାୟତ, ପ୍ଲଟ୍ ନମ୍ବର ୫୭(ଏ)ରେ ୦.୦୪ ଡେସିମିଲ ମଠଘର, ପ୍ଲଟ୍ ନମ୍ବର ୫୮(ଏ)ରେ ୧.୧୨ ଡେସିମିଲ ସର୍ବସାଧାରଣ ରାସ୍ତା ଏବଂ ପ୍ଲଟ୍ ନମ୍ବର ୫୯(ଏ)ରେ ୧.୬୦ ମେଲଣ ପଡିଆ ଭାବେ ରେକର୍ଡ ରହିଛି। ଏସବୁ ପ୍ଲଟ୍ ଜଙ୍ଗଲ କିସମ ନୁହେଁ । ଉପରୋକ୍ତ ଜମି ଉପରେ ମେଳା ପାଇଁ ଅନୁମତି ଦେବାରେ କୌଣସି ଅସୁବିଧା ନାହିଁ। ତେବେ ମେଳା ଜାଗାରେ ବ୍ୟାସସରୋବର ସୌନ୍ଦର୍ଯ୍ୟକରଣ କାମରେ ନିୟୋଜିତ ଶ୍ରମିକମାନେ କୁଡିଆ ଘର କରି ରହୁଛନ୍ତି ଏବଂ ଗୋଡ଼ି, ବାଲି ଇତ୍ୟାଦି ନିର୍ମାଣ ସାମଗ୍ରୀ ଜମା କରାଯାଇଛି । ବିଭିନ୍ନ ଆଳରେ ପ୍ରଶାସନ ଖସିଯିବାକୁ ଚାହୁଁଛି। ଏପରି ଭାବେ ବ୍ୟାସ ସରୋବର ଜମିରେ ମେଳାର ଆୟୋଜନ ନ କରି ପ୍ରଶାସନ ଲୋକଙ୍କ ଭାବାବେଗ ସହିତ ଖେଳ ଖେଳୁଛି ବୋଲି ସେ କହିଛନ୍ତି।

## ଧର୍ମଶାଳା ଡାକ୍ତରଖାନାରେ ଶାଶୁ, ବୋହୂ ସମ୍ମିଳନୀ

ଧର୍ମଶାଳା,୧୮।୧(ଡି.ଏନ.ଏ.): ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶାଶୁ, ବୋହୂ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଶାକର୍ମୀଙ୍କ ଦ୍ୱାରା ପରିଚାଳିତ ଏହି ସମ୍ମିଳନୀରେ ଆଖପାଖ ଅଞ୍ଚଳର ଅନେକ ଶାଶୁ ଓ ବୋହୂମାନେ ଯୋଗ ଦେଇଥିଲେ। ସମ୍ମିଳନୀକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ମାନସ ରଞ୍ଜନ ସ୍ୱାଇଁ ଉଦ୍‌ଘାଟନ କରି ଜନସଂଖ୍ୟା ନିୟନ୍ତ୍ରଣ ଉପରେ ଉପସ୍ଥିତ ମହିଳାଙ୍କୁ ଅବଗତ କରାଇଥିଲେ। ବିପିଏମ୍ ଅଶୋକ କୁମାର ମିଶ୍ର, ପିଏଚ୍‌ଇଓ ସବିତାରାଣୀ ମହାନ୍ତିଙ୍କ ସମେତ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା, ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ। ମହିଳାଙ୍କୁ ପରିବାର ନିୟନ୍ତ୍ରଣ କରିବା ସହ ଛୋଟ ପରିବାର ସୁଖୀ ପରିବାର ଗଠନ ଉପରେ ସଚେତନତା କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରିବାର ନିୟନ୍ତ୍ରଣକୁ ନେଇ ଶାଶୁ, ବୋହୂ ମଧ୍ୟରେ ଥିବା ନକାରାତ୍ମକ ଚିନ୍ତାଧାରାକୁ ବଦଳାଇବା ପାଇଁ ଏହା ଏକ ସୁନ୍ଦର ପ୍ରୟାସ ବୋଲି ଡା. ସ୍ୱାଇଁ କହିଥିଲେ। ଏହି ଅବସରରେ ଶାଶୁ, ବୋହୂଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି କାର୍ଯ୍ୟକ୍ରମ ବର୍ଷକୁ ୨ଥର ଅନୁଷ୍ଠିତ ହେବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ଯୁକ୍ତ ୨ ଛାତ୍ରୀଙ୍କ ବିଦାୟକାଳୀନ ସଭା

ଯାଜପୁର ରୋଡ,୧୮।୧(ଡି.ଏନ.ଏ.): ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ(ଆଇଜି) ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ୨ୟ ବର୍ଷ ଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନାସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷା ପଙ୍କଜିନୀ ପାଣିଙ୍କ ସଭାପତିତ୍ୱରେ ଆଇଜି ଡିଗ୍ରୀ କଲେଜର ଅଧ୍ୟକ୍ଷ ରତ୍ନାକର ଜେନା ଯୋଗଦେଇଥିଲେ । ଅଧ୍ୟାପକ ଜ୍ୟୋତିପ୍ରକାଶ ରାଉତ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପିକା ଲଳିତା ସାହୁ, ସସ୍ମିତା ଆଚାର୍ଯ୍ୟ, ଦୀପାଞ୍ଜଳି ନାୟକ, ଅଧ୍ୟାପକ ଚିତ୍ତରଞ୍ଜନ ବଳ, ସୁବାସ ଚନ୍ଦ୍ର ସ୍ୱାଇଁ, ଗୋବର୍ଦ୍ଧନ ନାୟକ, ହୃଷିକେଶ ତ୍ରିପାଠୀ, ଅଧ୍ୟାପିକା ଅନିମା ପ୍ରଧାନ, ମମତାମୟୀ ଦାଶ, କଲ୍ୟାଣୀ ସୋରେନ ପ୍ରମୁଖ ଯୋଗଦେଇ ବିଦାୟୀ ଛାତ୍ରୀଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ । ଛାତ୍ରୀ ପୂର୍ଣ୍ଣିମା ମହନ୍ତ, ମୋନାଲିସା ସାହୁ, ଶୁଭସ୍ମିତା ନାୟକ, ଜୟଶ୍ରୀ ପ୍ରିୟଦର୍ଶିନୀ ବାରିକ ପ୍ରମୁଖ ବିଦାୟୀ ସଙ୍ଗୀତ ଗାନ କରିଥିଲେ । ୨ୟ ବର୍ଷର ଛାତ୍ରୀ ସୋନିଆ ନାୟକ, ଲୋପାମୁଦ୍ରା ସାମଲ, ଅର୍ପିତା ପୃଷ୍ଟି, ରୀମାରାଣୀ ମଲିକ, ଅଙ୍କିତା ଦାସ, ସୁପ୍ରିୟା ଦଳେଇ, ପ୍ରିୟଙ୍କା ଜେନା, ସଞ୍ଜବନୀ ପାଢ଼ୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଥମ ବର୍ଷର ଛାତ୍ରୀ ସ୍ୱର୍ଣ୍ଣଲକ୍ଷ୍ମୀ ସାହୁ ଧନ୍ୟବାଦ ଦେଇଥିବାବେଳେ ଛାତ୍ରୀଙ୍କ ଦ୍ୱାରା ନୃତ୍ୟଗୀତାଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪ରାସ୍ତାର ଶିଳାନ୍ୟାସ



ବିଧାୟକ ଭାତ୍ରୁପଶିଠାରୁ ମଙ୍ଗରାଜପୁର ରାସ୍ତାର ଶିଳାନ୍ୟାସ କରୁଛନ୍ତି।

ଧର୍ମଶାଳା/ରସୁଲପୁର, ୧୮।୧(ଡି.ଏନ.ଏ.): ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ୪ ରାସ୍ତାର ବୁଧବାର ଶିଳାନ୍ୟାସ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଯାଜପୁର-୨ ଜାରକା ଅଧୀନରେ ୧୭ କୋଟି ୯୨ ଲକ୍ଷ ୪୩ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ରାସ୍ତାକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଶିଳାନ୍ୟାସ କରିଛନ୍ତି। ପ୍ରଥମେ ଭାତ୍ରୁପଶିଠାରୁ ମଙ୍ଗରାଜପୁର ଭାୟା ଜାଲଶୁଖା ପାଇଁ ୪ କୋଟି ୬୦ ଲକ୍ଷ ୮୮ ହଜାର ଟଙ୍କା ଅଟକଳରେ ନିର୍ମାଣ ହେବାକୁ ଥିବା ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ପରେ ୩ କୋଟି ୫୭ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁଥିବା ବାରବାଟୀଠାରୁ ରସୁଲପୁର ରାସ୍ତା, ୪ କୋଟି ୫୪ଲକ୍ଷ ୭୬ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁଥିବା ଜାବରାଠାରୁ ସାରଙ୍ଗପୁର ରାସ୍ତା ଓ ୫ କୋଟି ୧୮ ଲକ୍ଷ ୯୯ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁଥିବା ଏନ୍‌ଏଚ୍ ୧୬ ପଟିଆ ରୋଡ୍‌ଠାରୁ ମଧୁସୂଦନପୁର ଭାୟା ରଘୁନାଥପୁର ରାସ୍ତାକୁ ବିଧାୟକ ବଳନ୍ତରାୟ ଶିଳାନ୍ୟାସ କରିଛନ୍ତି। ଏହି ଶିଳାନ୍ୟାସ ଉତ୍ସବରେ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ୧୩ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ୧୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ୧୫ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ପଞ୍ଚାୟତ ସମିତି ସଭ୍ୟ ଜଳଧର ସାହୁ, ସରପଞ୍ଚ ସ୍ନେହାଞ୍ଜଳି ଗନ୍ତାୟତ, ମଦନ ମୋହନ ନାୟକ, ସୁଶାନ୍ତ ନାୟକ ଓ ସୁଦାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବା ବାପୁ ପାଠଶାଳା ପରିଦର୍ଶନ କଲେ ବିଶିଷ୍ଟ ଗାନ୍ଧିବାଦୀ

ଧର୍ମଶାଳା,୧୮।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଶବରପଲ୍ଲୀ ଜାଲଶୁଖା ଗ୍ରାମରେ ସର୍ବୋଦୟ କର୍ମୀ ଦେବବ୍ରତ ରାଉତଙ୍କ ଉଦ୍ୟମରେ ଚାଲୁଥିବା ମାଗଣା ଶିକ୍ଷାକେନ୍ଦ୍ର ବା ବାପୁ ପାଠଶାଳାକୁ ରାଜ୍ୟର ବିଶିଷ୍ଟ ଗାନ୍ଧିବାଦୀ ବିଶ୍ୱଜିତ ରାୟ ଓ ଉତ୍କଳ ସର୍ବୋଦୟ ମଣ୍ଡଳ ରାଜ୍ୟ ସଭାପତି ମିହିର ପ୍ରତାପ ଦାଶ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେମାନେ ଗାନ୍ଧୀ, ବିନୋବା ଓ ଜୟପ୍ରକାଶଙ୍କ ଜୀବନୀ ସମ୍ପର୍କରେ କୁନିକୁନି ଛାତ୍ରୀଛାତ୍ରଙ୍କୁ ଗପମାଧ୍ୟମରେ ଶିକ୍ଷା ପ୍ରଦାନ କରିଥିଲେ। ପାଠଶାଳାର ୬୦ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ନିଶା ନିବାରଣ, ମୌଳିକ ଶିକ୍ଷା ଓ ଖେଳକୁଦ ଉପରେ ଗୁରୁତ୍ୱ ଦେବାକୁ ସେମାନେ ପିଲାଙ୍କୁ ପରାମର୍ଶ ଦେଇଥିଲେ। ପାଠଶାଳା ପ୍ରଶିକ୍ଷକ ଦେବବ୍ରତ ରାଉତ ପାଠଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ଅଞ୍ଚଳ ପରିଭ୍ରମଣ କରି ନିଶା ନିବାରଣ, ଗାଁସଫେଇ, ମହିଳା ବିକାଶ, ସ୍ୱାକ୍ଷରତା ଅଭିଯାନ ଓ ଚାରାରୋପଣ ପାଇଁ ଶପଥ ନେଇଥିଲେ। ଜାଲଶୁଖାକୁ ଆଦର୍ଶ ଗ୍ରାମରେ ପରିଣତ କରିବାକୁ ଗାନ୍ଧିବାଦୀ ରାୟ ଓ ସର୍ବୋଦୟ ମଣ୍ଡଳର ସଭାପତି ଦାଶ ପରାମର୍ଶ ଦେଇଥିଲେ।

## ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




ନାଥସାହି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥି।

ଯାଜପୁର ଟାଉନ,୧୮।୧(ଡି.ଏନ.ଏ.): ନାଥସାହି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅଧ୍ୟକ୍ଷ ଅଶୋକ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଏନ୍.ସି. କଲେଜ ଅଧ୍ୟକ୍ଷ ଡ. ବିଷ୍ଣୁଚରଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଳକ ବିଭାଗରେ ସତ୍ୟଜିତ୍ ପହି ଓ ବାଳିକା ବିଭାଗରେ ସୌଦାମିନୀ ପଣ୍ଡାଙ୍କୁ ଚାମ୍ପିୟନ୍ ପୁରସ୍କାର ବିତରଣ କରିଥିଲେ। ଏଥିସହିତ ପିଲାମାନଙ୍କୁ ଭଲମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଶିକ୍ଷକନେତା ସୁରେନ୍ଦ୍ର କୁମାର ରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଯାଜପୁର ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, କୈଳାଶ ଚନ୍ଦ୍ର ପହି, ପ୍ରାଧାପକ ନଦିଆ ମୋହନ ପଟ୍ଟନାୟକ, ଦାମୋଦର ବେହେରା, ସୁବାସ ଚନ୍ଦ୍ର ପଣ୍ଡା, ଲଳିତ ମୋହନ ରାୟ, ମୁରଲୀଧର ବୈଶାଖ, ଭାସ୍କର ଚନ୍ଦ୍ର ଜେନା, ପ୍ରଫେସର ଉଦୟ ନାରାୟଣ ପରିଡ଼ା ଓ ଡ. ବିନୋଦ ଚନ୍ଦ୍ର ନାୟକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅଧାପକ ରତିକାନ୍ତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧାପକ ବିଜୟକେତନ ରଥ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପ୍ରାଧାପକ ଜ୍ଞାନଚାନ୍ଦ ଦାସ, ରାଜକିଶୋର ପଣ୍ଡା, ନିରଞ୍ଜନ ମହାନ୍ତି, ଧନଞ୍ଜୟ ମିଶ୍ର, ପର୍ଶୁରାମ ମହାପାତ୍ର, ରଶ୍ମିତା ମହାନ୍ତି, ଲକ୍ଷ୍ମୀପ୍ରିୟା ସାହୁ, ପ୍ରଦୀପ ବୈଶାଖ, ମନୋଜ କୁମାର ସାହୁ ଓ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। କ୍ରୀଡ଼ା ସମ୍ପାଦକ ଜ୍ଞାନେନ୍ଦ୍ର ବଲ୍ଲଭ ରାଉତରା ଧନ୍ୟବାଦ ଦେଇଥିଲେ।

# ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ

ପ୍ରୀତିପୁର,୧୮।୧(ଡି.ଏନ୍.ଏ.): ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନସ୍ଥ ଜାଙ୍ଗରପୁର(ଦଶରଥପୁର) ପଞ୍ଚାୟତ ବାଲି ପଡ଼ିଆଠାରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ବୁଧବାର ଅପରାହ୍ନରେ ପାଳିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ପ୍ରଦୀପ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ୨୫ ବର୍ଷ ପୂରଣ କରିବା ସହିତ ଦଳ ସାଧାରଣ ଗରିବ, ଶ୍ରମିକ ଓ ଖଟିଖିଆଙ୍କ ଆସ୍ଥାଭାଜନ ହୋଇପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ମୁରଲୀଧର ବେହେରା, ବିଞ୍ଝାରପୁର ଯୁବ ବିଜେଡି ସଭାପତି ପ୍ରଭାତ କୁମାର ଦାସ, ଛାତ୍ର ବିଜେଡି ସଭାପତି ଚିନ୍ମୟ ମାହୁନ୍ତ, ବ୍ଲକ୍ ବିଜେଡି ସଭାପତି ନନ୍ଦକିଶୋର ସାମଲ, ଦଶରଥପୁର ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି, ଦଶରଥପୁର ଯୁବ ବିଜେଡି ସଭାପତି ସଞ୍ଜିତ୍ ମହାନ୍ତି, ଦଶରଥପୁର ଛାତ୍ର ବିଜେଡି ସଭାପତି ଚିରଞ୍ଜୀବ ରାଉତ୍, ଦଶରଥପୁର ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକ, ଜାଙ୍ଗରପୁର ସରପଞ୍ଚ ସୁରେନ୍ଦ୍ର ବେହୁରିଆ, ସମିତିସଭ୍ୟ ଶୈଳେନ୍ଦ୍ର ସାମଲ, ପାଲଟପୁର ସମବାୟ ସମିତି ସଭାପତି ଅଶ୍ୱିନୀ ନାୟକ, ଜିଲାପରିଷଦ ସଭ୍ୟା ମାମିନା ମଲ୍ଲିକ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ବିଜେଡି ଓ ନବୀନଙ୍କ ହାତମୁଠାକୁ ଟାଣ କରିବା ପାଇଁ ସଂକଳ୍ପ ନେବାକୁ କହିଥିଲେ। ଜାଙ୍ଗରପୁର ପଞ୍ଚାୟତ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଚିନ୍ମୟ ମାହୁନ୍ତ, ସୁମନ ନାୟକ, ରାଜକିଶୋର ଦାସ, ଅଜୟ ମଲ୍ଲିକ ପ୍ରମୁଖ ମୁଖ୍ୟ ଅତିଥି ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅପରପକ୍ଷରେ ମୁଖ୍ୟ ଅତିଥି ମଲ୍ଲିକ ୬ ବରିଷ୍ଠ ରାଜନେତା ଦିବାକର ସାମଲ(ଫକୀର), ମହେନ୍ଦ୍ର ଧଳ, ବୈଦ୍ୟନାଥ ସାହାଣୀ, ଚୌବନ ବାରିକ୍, ଦୟାନିଧି ମଲ୍ଲିକ ଓ ଶ୍ରୀକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ବିଜେଡି ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ଅତିଥି।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

## ବିଦ୍ୟୁତ୍ ଆଘାତରେ ନାବାଳକଙ୍କ ମୃତ୍ୟୁ



ଉତ୍ତ୍ୟକ୍ତ ଲୋକେ ବରୀ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ କରିଛନ୍ତି।

ବରୀ,୧୮।୧(ଡି.ଏନ.ଏ.): ବରୀ ବ୍ଲକ୍ ରତ୍ନଗିରି ପଞ୍ଚାୟତ ଅଧୀନ ମାଳସାହିଗ୍ରାମର ଗଗନ ମଲିକଙ୍କ ନାବାଳକ ପୁଅ ମନୋରଞ୍ଜନ ମଲିକ(୧୪)ଙ୍କ ବିଦ୍ୟୁତ୍ ଆଘାତରେ ମଙ୍ଗଳବାର ରାତିରେ ମୃତ୍ୟୁ ହୋଇଥିବାବେଳେ ବୁଧବାର ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ବରୀ ତହସିଲ ଅଫିସ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣର ପ୍ରତିଶ୍ରୁତି ଦେଇଥିଲା। ଏହାପରେ ଲୋକେ ରାସ୍ତାରୋକୋ ଆନ୍ଦୋଳନରୁ ଓହରିଯାଇଥିଲେ।

ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନରେ ନାବାଳକ ଜଣକ ଘର ନିକଟ ବିଲକୁ ଯାଇଥିଲେ। ସେଠାରୁ ଫେରିବା ସମୟରେ ବିଲ ନିକଟରେ ଝୁଲି ରହିଥିବା ୧୧ କେଭି ବିଦ୍ୟୁତ୍ ତାରରେ ଲାଗି ଯାଇଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ବୁଧବାର ମୃତ ଶରୀର ବରୀରେ ପହଞ୍ଚିଥିଲା। ଏହି ଖବର ପ୍ରସାରିତ ହେବା ପରେ ବରୀ ଅଞ୍ଚଳର ବିଭିନ୍ନ ରାଜନୈତିକ ଦଳ ନେତା, ସାଧାରଣ ଲୋକ ଏବଂ ଆମ୍ବେଡକର ପରିଷଦ ମଞ୍ଚ କର୍ମକର୍ତ୍ତା ଉତ୍ତ୍ୟକ୍ତ ହୋଇ ବରୀ ତହସିଲ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଉପରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖବରପାଇ ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ ସ୍ୱାଇଁ, ଭାରପ୍ରାପ୍ତ ତହସିଲଦାର ମନୋଜ ମାଝି, ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ବରୀ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନକାରୀ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା, ପରିବାରରୁ ଜଣଙ୍କୁ ଚାକିରି ଏବଂ ଦାୟିତ୍ୱରେ ଅବହେଳା କରିଥିବା କର୍ମଚାରୀଙ୍କୁ ଗିରଫ ଆଦି ୪ ଦଫା ସମ୍ବଳିତ ଦାବିପତ୍ର ଅଧିକାରୀମାନଙ୍କୁ ପ୍ରଦାନ କରିଥିଲେ। ଏହାକୁ ନେଇ ବିଭିନ୍ନ ବିଭାଗ କର୍ମକର୍ତ୍ତା ଏକ କମିଟି ଗଠନ କରି ଆଲୋଚନା କରିବା ପରେ ଆନ୍ଦୋଳନକାରୀଙ୍କୁ ଡାକି ଏହାର ଆପୋସ ସମାଧନ କରିଥିଲେ। ମୃତକଙ୍କ ପରିବାରକୁ ବିଦ୍ୟୁତ୍ ବିଭାଗ ତରଫରୁ ୪୦ ହଜାର, ରେଡ୍‌କ୍ରସ ତରଫରୁ ୨୦ ହଜାର ଆର୍ଥିକ ସହାୟତା ଯୋଗାଇ ଦିଆଯିବା ସହ ମୃତକ ପରିବାରର ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଅନୁଯାୟୀ ବିଦ୍ୟୁତ୍ ବିଭାଗରେ ନିଯୁକ୍ତିର ପ୍ରତିଶ୍ରୁତି ଦିଆଯାଇଥିଲା। ଏହାସହିତ ଦାୟିତ୍ୱରେ ଅବହେଳା କରିଥିବା କର୍ମଚାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ଏହାପରେ ରାସ୍ତାରୋକୋ ହଟିଥିଲା। ରାସ୍ତାରୋକୋରେ ଭାଜପା ନେତା ଆଶୁତୋଷ ପରିଡ଼ା, କବରି ଦାସ, ଯୁବ ସାମାଜିକ କର୍ମୀ ତରୁଣ କୁମାର ଦାସ, କେଦାର ନାଥ ମଲିକ, ବିଦ୍ୟାଧର ମଲିକ ପ୍ରମୁଖଙ୍କ ସହ ମୃତକଙ୍କ ଗ୍ରାମବାସୀ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଅଚାନକ ରାସ୍ତାରୋକୋ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବରୀ ରାମଚନ୍ଦ୍ରପୁର ଥାନା ପୋଲିସ ଘଟଣାସ୍ଥଳରେ ଥିଲେ ମଧ କିଛି କରି ପାରି ନ ଥିଲା। ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା।

## ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିଖିବା ଜରୁରୀ

ବାଲିକୁଦା/ କୁଜଙ୍ଗ, ୧୮।୧(ସ୍ୱ.ପ୍ର./ ଡି.ଏନ୍.ଏ.): ବାଲିକୁଦା ମହାବିଦ୍ୟାଳୟରେ ଆୟୋଜିତ ବାଳିକା ଆତ୍ମରକ୍ଷା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଦେବେନ୍ଦ୍ର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ ଯୋଗଦେଇ ଛାତ୍ରୀମାନେ ଆତ୍ମରକ୍ଷାର କୌଶଳ ଶିଖିବା ଜରୁରୀ ବୋଲି କହିଥଲେ। ମୁଖ୍ୟବକ୍ତା ଭାବେ ବାଲିକୁଦା ଥାନା ଅଧିକାରୀ ସଲିଳ ପ୍ରଧାନ ଯୋଗଦେଇ ଛାତ୍ରୀମାନେ ତାଲିମର ସଦୁପୋଯୋଗ କରିପାରିଲେ ଶିକ୍ଷାର ଉଚିତମାନ ରହିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ 'ମୋ କଲେଜ'ଅଭିଯାନ ସଭ୍ୟ କମଳାକାନ୍ତ ମହାପାତ୍ର ଯୋଗଦେଇଥିଲେ। ଅଧାପକ ଆର୍ତ୍ତବନ୍ଧୁ ସ୍ୱାଇଁ ପ୍ରହ୍ଲାଦ କୁଣ୍ଡୁ, ଶେଷଦେବ ମହାନ୍ତି ପ୍ରମୁଖ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନମାନଙ୍କ ମଧରେ ବର୍ଷାବୈଶାଖି ନାୟକ, ସ୍ୱର୍ଣ୍ଣମୁଦ୍ରା ରାଉତ, ରୂପାଲିନ ମହାନ୍ତି, ଶୁଭସ୍ମିତା ସେଠୀ, ଭରତ ବାରିକ, ପ୍ରଦୀପ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଶିକ୍ଷିକା ଭାବେ ସସ୍ମିତା ମଲ୍ଲ ଭାଗ୍ୟଶ୍ରୀ ପଣ୍ଡା ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିଖାଇଥିଲେ। ସେହିପରି କୁଜଙ୍ଗ ବ୍ଲକ ପଞ୍ଚାୟତ ମହିଳା ଉଚ୍ଚମାଧମିକ ବିଦ୍ୟାଳୟ ବାଲିଆ ଆନୁକୂଲ୍ୟରେ ୮ଦିନ ବ୍ୟାପୀ ଅନୁଷ୍ଠିତ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ହିରଣ୍ୟ କୁମାର ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟ ସମାଗୋଳର ଇଂଲିଶ୍ ବିଭାଗ ବରିଷ୍ଠ ପ୍ରାଧାପକ ଡ. ନିରଞ୍ଜନ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀମାନେ ଶିଖିଥିବା କୌଶଳଗୁଡିକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଅଧାପକ ପ୍ରଶାନ୍ତ ଶେଖର ପଟ୍ଟନାୟକ ଛାତ୍ରୀମାନଙ୍କୁ ଏହି ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ୫୯ ଛାତ୍ରୀ ଯୋଗଦେଇ ତାଲିମ ନେଇଥିଲେ। ଶେଷରେ ସମସ୍ତ ଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରମାଣପତ୍ର ଦିଆଯାଇଥିଲା। ମହାବିଦ୍ୟାଳୟର ଇତିହାସ ବିଭାଗ ଅଧାପିକା ଶୁଭ୍ରାମଞ୍ଜରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସମିତିସଭ୍ୟଙ୍କ ଧାରଣା

### ଜନପ୍ରତିନିଧିଙ୍କ ପ୍ରଶିକ୍ଷଣ ଶିବିରରେ ପାତରଅନ୍ତର ଅଭିଯୋଗ

ବାଲିକୁଦା,୧୮।୧(ସ୍ୱ.ପ୍ର.)

ବାଲିକୁଦା ବ୍ଲକର ଅଳାବର ପଞ୍ଚାୟତର ପୁରଣଠାରେ ସୋମବାର ଜନପ୍ରତିନିଧିଙ୍କ ପ୍ରଶିକ୍ଷଣ ପାଇଁ ଏକ ଶିବିର ଆୟୋଜନ କରାଯାଇଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ତାଲିମ ଦିଆଯାଉଛି। ଏଥିରେ ଅବ୍ୟବସ୍ଥା ହୋଇଥିବା ଅଭିଯୋଗ କରି ସମିତି ସଭ୍ୟମାନେ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପଶିକ୍ଷଣ ନିମନ୍ତେ ଆବଶ୍ୟକ ହେଉଥିବା ପୁସ୍ତିକା ଓ ତଥ୍ୟ ଥିବା ପେନ୍‌ଡ୍ରାଇଭ୍ ସେମାନଙ୍କୁ ଦିଆଯାଇ ନାହିଁ। ଅପରପକ୍ଷେ ପ୍ରଶିକ୍ଷଣ ପାଇଥିବା ସରପଞ୍ଚମାନଙ୍କୁ ସବୁ ପ୍ରଦାନ କରାଯାଇଛି। ଏଭଳି ପାତରଅନ୍ତର କ'ଣ ପାଇଁ କରାଯାଉଛି ଅଭିଯୋଗ କରି ସେମାନେ ମଧାହ୍ନ ଭୋଜନ ପୂର୍ବରୁ ଆସି ଧାରଣାରେ ବସିଥିଲେ। ଖବରପାଇ ଏପଡି ପ୍ରଶାନ୍ତ ମିଶ୍ର ଶିବିରରେ ପହଞ୍ଚି ସମିତିସଭ୍ୟମାନଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ଆନ୍ଦୋଳନକାରୀ ଦାବି ପୁରଣ ପାଇଁ ଅଡ଼ିବସିଥିଲେ। ଏହାପରେ ଏବିଡିଓ ସଞ୍ଜୟ ଦାସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ସମିତିସଭ୍ୟଙ୍କୁ ପ୍ରଥମ ପର୍ଯ୍ୟାୟରେ ପେନ୍‌ଡ୍ରାଇଭ ଓ ପ୍ରଶିକ୍ଷଣ ସହାୟିକା ପୁସ୍ତିକା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲ। ଏହି ଧାରଣାରେ ହରିଶ୍ଚନ୍ଦ୍ର ଶତପଥୀ, ସମରେନ୍ ରାୟ, ସମୀର ସେନାପତି, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ପ୍ରିୟମ୍ୱଦା ପଲାଉର, ଚିତ୍ତରଞ୍ଜନ ମନ୍ତ୍ରୀ, ରାଜଶ୍ରୀ ମହାନ୍ତି, ତୃପ୍ତିମୟୀ ମଲ୍ଲିକ, ରତ୍ନପ୍ରିୟା ସାସମଲ, ନିରଞ୍ଜନ ଦାସ, ଅଶୋକ ନାୟକ, ଯାଜ୍ଞସେନୀ ରାଉତ, ଜୟିରାମ ଦାସ, ତରୁଣକାନ୍ତ ବାରିକ, ଚନ୍ଦନ ଲେଙ୍କା, ସୁବଳ ବେହେରା ପ୍ରମୁଖ ସାମିଲ ହୋଇଥିଲେ।


ଧାରଣାରେ ବସିଥିବା ସମିତି ସଭ୍ୟାସଭ୍ୟମାନେ।

## ପଞ୍ଚାୟତ ଜନପ୍ରତିନିଧିଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୮।୧ (ବ୍ୟୁରୋ)

ପଞ୍ଚାୟତିରାଜ ପ୍ରତିଷ୍ଠାନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧିମାନଙ୍କ ପାଇଁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ଜଗତସିଂହପୁର ଜିଲାର ବାଲିକୁଦା, ନାଉଗାଁ, ଏର୍ସମା ଓ କୁଜଙ୍ଗ ୪ଟି ବ୍ଲକ୍ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ତାଲିମ ପ୍ରଦାନ କରିବାକୁ ପରିବେଶ ଓ ବିକାଶ କେନ୍ଦ୍ର (ସି.ଇ.ଡ଼ି) ଦାୟିତ୍ୱ ଦିଆଯାଇଛି। ଉକ୍ତ ସଂସ୍ଥା ତରଫରୁ ବାଲିକୁଦା ବ୍ଲକ୍ ପୁରଣଠାରେ ନବ ନିର୍ବାଚିତ ଜନପ୍ରତିନିଧିମାନଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।

ବିଭାଗ ତରଫରୁ ନିର୍ଦ୍ଧାରିତ ପ୍ରଶିକ୍ଷଣ ସୂଚୀ ଅନୁଯାୟୀ ଜନ ପ୍ରତିନିଧିମାନଙ୍କୁ ଏହି ଅବସରରେ ୫-ଟି, ମୋ ସରକାର, ସଶକ୍ତ ଗ୍ରାମସଭା, ମଧାହ୍ନଭୋଜନ, ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଓ ଗ୍ରାମପଞ୍ଚାୟତ ବିକାଶ ଯୋଜନା, ଆର୍ଥିକ ପରିଚାଳନା, ପାନୀୟଜଳ ଯୋଗାଣ, ସ୍ୱଚ୍ଛଭାରତ ମିଶନ, ମିଶନ ଶକ୍ତି, ସ୍ୱାସ୍ଥ୍ୟ, ପରିମଳ, କୃଷି, ମତ୍ସ୍ୟପାଳନରେ ଅନ-ଲାଇନ ସେବା ବ୍ୟବସ୍ଥା ଏବଂ ବିପର୍ଯ୍ୟୟ ପରିଚାଳନାରେ ଗ୍ରାମପଞ୍ଚାୟତର ଭୂମିକା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ପରିବେଶ ଓ ବିକାଶ କେନ୍ଦ୍ର (ସି.ଇ.ଡ଼ି) ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ହରିଚନ୍ଦନଙ୍କ ତତ୍ତ୍ୱାବଧାନରେଏହିତାଲିମଦିଆଯାଉଛି। କାର୍ଯ୍ୟକ୍ରମକୁ ସଂଯୋଜକ ପ୍ରଦୀପ୍ତ କୁମାର ଦାସ ପରିଚାଳନା କରୁଛନ୍ତି।

## ବନ୍ଦର ଭିତ୍ତିକ କାର୍ଗୋ ପରିଚାଳନା ତାଲିମ


ତାଲିମ ପାଇଁ ମନୋନୀତ ହୋଇଥିବା ଯୁବତୀ ଯୁବକମାନେ।

କୁଜଙ୍ଗ, ୧୮।୧ (ଡି.ଏନ୍.ଏ)

ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଅଞ୍ଚଳର ବେରୋଜଗାରୀ ଯୁବକମାନଙ୍କ ପାଇଁ ବନ୍ଦର ଭିତିକ କାର୍ଗୋ ପରିଚାଳନା, ଲଜିଷ୍ଟିକ ସମ୍ବନ୍ଧୀୟ କୌଶଳ ବୃଦ୍ଧି ତାଲିମ ଓ କର୍ମ ନିଯୁକ୍ତି ସହାୟତା ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ଏନେଇ ଜାତୀୟସ୍ତରୀୟ ଅଗ୍ରଣୀ ଅନୁଷ୍ଠାନ ଟେକ୍ ମହିନ୍ଦ୍ରା ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଟେକ୍ ମହିନ୍ଦ୍ରା ସ୍ମାର୍ଟ ଏକାଡେମୀ ବିଶାଖାପାଟଣା ସହ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ଚୁକ୍ତିପତ୍ର ସ୍ୱାକ୍ଷର କରାଯାଇଛି। ଏଥିସହ ପ୍ରଥମ ପର୍ଯ୍ୟାୟରେ ତାଲିମ ପାଇଁ ପଠାଯାଇଛି। ତାଲିମ ପରେ ଟେକ୍ ମହିନ୍ଦ୍ରା ସ୍ମାର୍ଟ ଏକାଡେମୀ ଦ୍ୱାରା ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ବନ୍ଦରଭିତ୍ତିକ କାର୍ଗୋ ପରିଚାଳନା ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ୩୧ ଜଣଙ୍କୁ ୨୦୨୩ ମାର୍ଚ୍ଚ ସୁଦ୍ଧା ନାମଲେଖା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଜଗତ୍‌ସିଂହପୁର ଓ ନିକଟବର୍ତ୍ତୀ ଜିଲାମାନଙ୍କରେ ୨୫୦ ଜଣ ଯୁବକଙ୍କୁ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ କୌଶଳ ବୃଦ୍ଧି ତାଲିମ ପ୍ରଦାନ କରାଯାଇ ନିଯୁକ୍ତି ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

## ୨ ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ

ବିରିଡି,୧୮।୧(ଡି.ଏନ.ଏ)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ବିରିଡି ଶାଖା ଅଧିନରେ ଥିବା ଗୋପିନାଥପୁର କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବ୍ଲକ ଅଧକ୍ଷା ମମତା ପାତ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଉପାଧକ୍ଷା ପିନାକୀ ପ୍ରିୟଦର୍ଶନୀ, ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ସରପଞ୍ଚ କାହ୍ନୁଚରଣ ବେହେରା, ତପତୀ ତପସ୍ୱିନୀ ଭୂୟାଁ, ସମବାୟ ସମିତିର ସଭାପତି ବିକ୍ରମ କୁମାର ସାହୁ, ଉପ ସଭାନେତ୍ରୀ ମିନତି ସାହୁ, ସମ୍ପାଦକ ବିଜୟା ନନ୍ଦ ବେହେରା, ପମୁଖ ଯୋଗଦେଇଥିଲେ। ଏହି ସମିତିରେ ଗୋପିନାଥପୁର, ବୁଢାପଡା, କୃଳକଇଜଙ୍ଗା, ସଡେଇ ଶାସନ ପଞ୍ଚାୟତର ମୋଟ ୬୮୫ ଜଣ ଚାଷୀ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ସେହିପରି ମଗୁଲି ପ୍ରାଥମିକ କୃଷି ସମବାୟ ସମିତରେ ଧାନମଣ୍ଡି ଉଦ୍‌ଘାଟିତେ ହୋଇଯାଇଛି। ଏହାକୁ ବ୍ଲକ ଅଧକ୍ଷା ପାତ୍ର ଉଦ୍‌ଘାଟନ କରିଥିଲେ। ଏଠାରେ ମଗୁଲି, ବାସନ୍ଦରା, ଉକୁନ୍ଦରା ପଞ୍ଚାୟତର ମୋଟ ୫୯୭ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜିକୃତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୦ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି।

## ଲୋକଙ୍କ ବିକାଶରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ସମବାୟ ସମିତିର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ


ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଅତିଥି।

ପାରାଦୀପ,୧୮।୧(ସ୍ୱ.ପ୍ର.)

ପାରାଦୀପ ନେହେରୁବଙ୍ଗଳା ମାଛଧରାବନ୍ଦର ପରିସରରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ବାଣିଜ୍ୟ ବିକାଶ ପ୍ରାଥମିକ ସମବାୟ ସମିତିର ୨ ଦିନିଆ ରୌପ୍ୟଜୟନ୍ତୀ ସମାରୋହ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ସମବାୟ ସଶକ୍ତ ଆନ୍ଦୋଳନ ସମ୍ପର୍କରେ ଆଲୋଚନା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମତ୍ସ୍ୟବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଦେବାନନ୍ଦ ଜେନା, ଫିଶକୋଫେଡ ନିର୍ଦ୍ଦେଶକ ବିମଳ କୁମାର ମିଶ୍ର, ଉପ ନିବନ୍ଧକ ପ୍ରମୋଦ କୁମାର ବରିହା, ପ୍ରଶାସକ ଲକ୍ଷ୍ମୀଧର ସୁବୁଦ୍ଧି ପ୍ରମୁଖ ଯୋଗଦେଇ ସମବାୟ ସ୍ଥିତି ଅବସ୍ଥିତି ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନତା ପୂର୍ବରୁ ଆରମ୍ଭ ହୋଇଥିବା ସମବାୟ ଲୋକଙ୍କ ବିକାଶରେ ଗୁରତ୍ୱପୂର୍ଣ୍ଣ ଭୂମିକା ରହିଛି। ସନ୍ଧ୍ୟାରେ ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ସମବାୟ ୟୁନିୟନ ସମ୍ପାଦକ ବ୍ରହ୍ମାନନ୍ଦ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମିତି ସଭାପତି ସୁମନ୍ତ କୁମାର ବିଶ୍ୱାଳ ଓ ଅନ୍ୟମାନେ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମଙ୍ଗଳବାର ଏକାଧିକ ନେତା ଅଠରବାଙ୍କିସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପାଖ ଦେଇ ଯାଇଥିଲେ ହେଁ ସେଠାରେ ଅଟକି ନ ଥିଲେ କି ଫୁଲତୋଡ଼ା ଦେଇ ନ ଥିଲେ। ଏ ବିଷୟରେ ବୁଧବାର ଗଣମାଧମରେ ପ୍ରକାଶ ପାଇବା ପରେ ପ୍ରତିମୂର୍ତ୍ତିରେ ସକାଳୁ ପୁଷ୍ପମାଲ୍ୟ ଦିଆଯାଇଥିବା ଦେଖିବାକୁ ମିଳିଛି।

## ପୂଜ୍ୟପୂଜା ହିଁ ସଫଳତାର ଚାବିକାଠି: ପ୍ରତାପ ଦେବ

ଆଳି,୧୮।୧(ଡି.ଏନ୍.ଏ.)

ଆଜି ଯିଏ ଯେଉଁ କ୍ଷେତ୍ରରେ ସଫଳତା ପାଇଛି ବା ପ୍ରତିଷ୍ଠିତ ହୋଇଛି ନିଶ୍ଚିତ ଭାବେ ତାହା ବରିଷ୍ଠମାନଙ୍କ ଆଶୀର୍ବାଦ ଯୋଗୁ ସମ୍ଭବ ହୋଇଛି। ଯେଉଁଠି ବରିଷ୍ଠମାନଙ୍କ ଆଶୀର୍ବାଦ ନ ଥାଏ ସେଠି ସଫଳତା ପାଇବା ଆଶା କରିବା ବୃଥା। ତେଣୁ ସର୍ବଦା ବରିଷ୍ଠମାନଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଲେ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ମିଳିବ। ଯାହାକି ୨୦୦୦ରେ ପ୍ରଥମ ଥର ପାଇଁ ରାଜନୀତିକୁ ଆସି ବିଧାୟକ ହେବା ପଛରେ ଆଳି ନିର୍ବାଚନମଣ୍ଡଳୀର ବରିଷ୍ଠ ନାଗରିକଙ୍କ ଭଲପାଇବା, ଆଶୀର୍ବାଦ ସହ ଯୁବକର୍ମୀଙ୍କ ଏକାଗ୍ରତା ଯୋଗୁ ଆଜି ସେ ବିଧାୟକ ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଛନ୍ତି ବୋଲି ଭୂଇଁପୁର ପଞ୍ଚାୟତ ପକ୍ଷରୁ ଆୟୋଜିତ ଏକ ସାଧାରଣ ସଭାରେ ଶକ୍ତି, ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି।

ବୁଧବାର ଆଳି ବ୍ଲକ ଭୂଇଁପୁର ପଞ୍ଚାୟତ ପକ୍ଷରୁ ନବନିର୍ମିତ ମଲ୍ଟି ଜିମ୍ ସେଣ୍ଟର, ସହାୟକ କେନ୍ଦ୍ରକୁ ମନ୍ତ୍ରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସେହିପରି ଆୟତପୁରସ୍ଥିତ ଲକ୍ଷ୍ମୀବରାହ କଲେଜ ପରିସରରେ ଏକ ନୂତନ ଗୃହ ମଧ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଦଶରଥ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଦେବ, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ଭୂଇଁପୁର ସରପଞ୍ଚ ରେଶ୍ମାରାଣୀ ମଲ୍ଲିକ, ସମିତି ସଭ୍ୟା ମିନତୀ ସାମଲ, ସଂସିଧା ସରପଞ୍ଚ ଦୀପକ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ମନ୍ତ୍ରୀ ଦେବ ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଜେଡି ୨୫ ବର୍ଷ ହେବ ଓଡ଼ିଶାରେ ଶାସନ କରୁଥିବା ବେଳେ ଜନମତ ଦଳ ସପକ୍ଷରେ ରହିଛି। ଆଗାମୀ ନିର୍ବାଚନ ପାଇଁ ସମସ୍ତେ ପ୍ରସ୍ତୁତ ହେବାକୁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଭୂଇଁପୁର ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ପାତ୍ର ପରିଚାଳନା କରିଥିବା ବେଳେ ଯୁବନେତାମାନେ ସହଯୋଗ କରିଥିଲେ।


ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଯୋଗଦେଇଥିବା ମନ୍ତ୍ରୀ, ବରିଷ୍ଠ ନାଗରିକ ଓ ଅନ୍ୟମାନେ।

## ବାସି ଖାଦ୍ୟ ଦେବା ଘଟଣାର ତଦନ୍ତ ଆରମ୍ଭ

### ଅଙ୍ଗନୱାଡି କେନ୍ଦ୍ରକୁ ଗଲେ ନାହିଁ ଶିଶୁ

ମହାକାଳପଡ଼ା,୧୮।୧(ଡି.ଏନ.ଏ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରିନାଶି ପଞ୍ଚାୟତ ହରିଆବାଙ୍କ ଅଙ୍ଗନୱାଡ଼ି କେନ୍ଦ୍ରରେ ମଙ୍ଗଳବାର ଶିଶୁମାନଙ୍କୁ ଅଣ୍ଡା ଦେବା ବଦଳରେ ବଣଭୋଜିର ବାସିଖାଦ୍ୟ ଖାଇବାକୁ ଦିଆଯାଇଥିବା ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ଗଣମାଧମରେ ପ୍ରକାଶ ପାଇବା ପରେ ବୁଧବାର ବ୍ଲକ ସମ୍ମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କବିତା ମଲ୍ଲିକଙ୍କ ନିର୍ଦ୍ଦେଶରେ ସୁପରଭାଇଜର ଇନ୍ଦୁଲତା ଦାସ ତଦନ୍ତ ଆରମ୍ଭ କରିଛନ୍ତି । ସେ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ଅଭିଭାବକ, ୱାର୍ଡସଭ୍ୟ ଓ ସ୍ଥାନୀୟ ଅଙ୍ଗନୱାଡିକର୍ମୀଙ୍କୁ ଅଭିଯୋଗ ସମ୍ପର୍କରେ ପଚରାଉଚରା କରିଥିଲେ । ଏନେଇ କୌଣସି ସଠିକ୍ ତଥ୍ୟ ନ ମିଳିବାରୁ ଗୁରୁବାର ଏକ ବୈଠକ କରାଯିବ ବୋଲି ସୂଚନା ମିଳିଛି । ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଅଙ୍ଗନୱାଡ଼ି କର୍ମୀ ରୀନାବାଳା ସ୍ୱାଇଁ କହିଛନ୍ତି, ଅଣ୍ଡା ତରକାରୀ ବଦଳରେ ମିଶାମିଶି ପରିବା ତରକାରୀ ପରସା ଯାଇଥିଲା । ଏହା ବାସିଖାଦ୍ୟ ନୁହେଁ, ମୁଁ ତରକାରୀ ଘରେ ପ୍ରସ୍ତୁତ କରି କେନ୍ଦ୍ରକୁ ନେଇଥିଲି । ହେଲେ ଅଭିଭାବକମାନେ କହିଛନ୍ତି ଆମ ପିଲାମାନଙ୍କୁ ବାସିଖାଦ୍ୟ ପରସା ଯାଇଛି । ତାହା ଆମିଳା ଗନ୍ଧଯୁକ୍ତ ହୋଇଥିବାରୁ ଶିଶୁମାନଙ୍କ ଜୀବନ ପ୍ରତି ବିପଦ ଅଛି ବୋଲି ୱାର୍ଡ ସଭ୍ୟ ଓ ଅଭିଭାବକ ଅସୀମା ମିର୍ଦ୍ଧା, ପୂର୍ଣ୍ଣିମା ଜେନା , ଆରତୀ ମିର୍ଦ୍ଧା, ରାଧା ମଣ୍ଡଳ , ନମିତା ମଣ୍ଡଳ , ଝିଲି ରାୟ , ମିନତୀ ଜେନା , ସବିତା ଜେନା , ବନ୍ଦନା ଜେନା ପ୍ରମୁଖ କହିଛନ୍ତି । ଏ ସମ୍ପର୍କରେ ସିଡିପିଓ ମଲ୍ଲିକ କହିଛନ୍ତି, ତଦନ୍ତ ଆରମ୍ଭ ହୋଇଛି । ଏହି କେନ୍ଦ୍ରରେ ୪୨ ଶିଶୁଙ୍କ ମଧ୍ୟରୁ ବୁଧବାର ୪ ଜଣ ଆସିଥିଲେ । ୩୮ ଶିଶୁ ଆସି ନ ଥିଲେ । ତଦନ୍ତ ଅଧିକାରୀଣିଙ୍କ ଉପସ୍ଥିତିରେ ୪ଜଣ ପିଲାଙ୍କୁ ଅଣ୍ଡା ଦିଆଯାଇଥିଲା । ଅବଶିଷ୍ଟ ପିଲାମାନେ କାହିଁକି ଆସିଲେ ନାହିଁ ବିଭାଗ ପକ୍ଷରୁ ଖୋଳ ତାଡ଼ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି ।

## ସିଏସ୍‌ସି ବାଲ୍ ବିଦ୍ୟାଳୟ ଉଦ୍‌ଘାଟିତ

କୁଜଙ୍ଗ, ୧୮।୧ (ଡି.ଏନ୍.ଏ.)

କୁଜଙ୍ଗ ତହସିଲ ଅନ୍ତର୍ଗତ ପାରାଦୀପଗଡ ପଞ୍ଚାୟତର ଚୂନାଠାରେ ସିଏସସି ବାଲ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ ହୋଇଛି। ବିଦ୍ୟାଳୟର ଅଧକ୍ଷ ଡା. ବିପିନ ବିହାରି ସାମନ୍ତରାୟ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ଜିଲା ଜନସେବା କେନ୍ଦ୍ରର ମୁଖ୍ୟ ପରିଚାଳକ ଦୀପକ କୁମାର ଦାସ, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ରବୀନ୍ଦ୍ର ନାଥ ସାମଲ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ମାୟାଧର ଦାସ, ବାବୁରାମ ଚୌଧୁରୀ, ଗୋଲାପରାଣୀ ସାହୁ, ଦେବୀ ମିଶ୍ର, ନବିନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଣା ଢଳେଇ ଉପରେ ଚାଲିଛି ନୂତନ କାର୍ଯ୍ୟ



### କୋକିଡିହ-ତେଲସରା ପୂର୍ତ୍ତ ବିଭାଗ ରାସ୍ତା

ନାଉଗାଁ,୧୮।୧(ସ୍ୱ.ପ୍ର.)

ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତାଗୁଡ଼ିକର ଉନ୍ନତିକରଣ ଓ ସଂପ୍ରସାରଣ କାର୍ଯ୍ୟ ଚାଲୁ ରହିଛି। ସେଥିମଧ୍ୟରୁ କୋକିଡିହ ତେଲସରା ରାସ୍ତା ଅନ୍ୟତମ। ୧୨ କିମି ଲମ୍ବ ଏହି ରାସ୍ତାର ଉନ୍ନତୀକରଣ ଓ ସମ୍ପ୍ରସାରଣ ପାଇଁ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ମାତ୍ର ଏହି କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗର କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁଯାୟୀ ସମ୍ପ୍ରସାରଣ ସମୟରେ ଯେଉଁଠାରେ ପୁରୁଣା ଢଳେଇ ରହିଥିବ ସେଠାରେ ତାକୁ ବାହାର କରାଯାଇ ନୂତନ ଢଳେଇ କାର୍ଯ୍ୟ କରାଯିବ। ବାସ୍ତବରେ ରାସ୍ତାର ଉନ୍ନତୀକରଣ କାର୍ଯ୍ୟରେ ତାହା କରାଯାଉ ନାହିଁ।

ଦୀର୍ଘ ୫ ବର୍ଷ ତଳେ କୋକିଡିହ-ତେଲସରା ରାସ୍ତାର ଉଭୟ ପାର୍ଶ୍ୱରେ ୧ ମିଟର ଲେଖାଏ ସମ୍ପ୍ରସାରଣ କରାଯାଇଥିଲା। ସେତେବେଳେ ଉକ୍ତ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ କାର୍ଯ୍ୟ ବନ୍ଦ କରିଦେଇଥିଲେ। ଏହାପରେ ପୁନର୍ବାର କାର୍ଯ୍ୟ ହୋଇଥିଲା। ଏବେ ଉକ୍ତ ରାସ୍ତାର ଧୂଆଁପଦାଠାରେ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ମାତ୍ର ସେଠାରେ ପୁରୁଣା ରାସ୍ତାକୁ ଭଙ୍ଗା ନ ଯାଇ ତା ଉପରେ ନୂତନ ଢଳେଇ କରାଯାଉଛି। ଫଳରେ ଉକ୍ତ ରାସ୍ତା ଦବିବା ସହ ଉଭୟ ପାର୍ଶ୍ୱରେ ଫାଟିବା ନେଇ ଆଶଙ୍କା ରହିଛି। ଉକ୍ତ ରାସ୍ତାରେ ଭାରିଯାନ ଯାତାୟାତ କଲେ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇଯିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ବିଭାଗୀୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଭିଷେକ ସେଠୀ କହିଛନ୍ତି, କୋକିଡିହ-ତେଲସରା ରାସ୍ତାରେ ଥିବା ପୂର୍ବ ଢଳେଇ ତଡ଼ାଯାଇ କାର୍ଯ୍ୟ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡ଼ିଶା ମଡେଲ

### ଜଗତ୍‌ସିଂହପୁରରେ ବିଜେଡିର ପ୍ରତିଷ୍ଠା ଦିବସ

- ଗୁଜରାଟ ଓ ଓଡ଼ିଶାର ଅର୍ଥନୀତି ମଧ୍ୟରେ ତୁଳନା
- କଂକ୍ରିଟ ରାସ୍ତାର ପରିକଳ୍ପନା ମୁଖ୍ୟମନ୍ତ୍ରୀ କରିଥିବା ଦମ୍ଭୋକ୍ତି

ଜଗତ୍‌ସିଂହପୁର ଅଫିସ, ୧୮।୧

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଳୀୟ ନେତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରର ସଫଳତା ଗାନ କରିବା ସହ ବିରୋଧୀଙ୍କ ଉପରେ ଗର୍ଜିଥିଲେ। ଏପରିକି ଗୁଜରାଟ ଏବଂ ଓଡ଼ିଶାର ଅର୍ଥନୀତି ଉପରେ ତୁଳନାତ୍ମକ ପରିସଂଖ୍ୟାନ ଦେବାକୁ ପଛାଇ ନ ଥିଲେ।

ଦଳ ଜିଲା ସଭାପତି ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ବରିଷ୍ଠ ପର୍ଯ୍ୟବେକ୍ଷକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ଜିଲାରେ ଦଳର ସ୍ଥିତିକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ସେ କହିଥିଲେ, ଓଡ଼ିଶାରେ ବିଜେଡିକୁ ଅଧିକ ସୁଦୃଢ଼ କରିବା କ୍ଷେତ୍ରରେ ଜଗତ୍‌ସିଂହପୁର ସହଯୋଗ କରିବ। ନିର୍ବାଚନ ପରିପ୍ରେକ୍ଷୀରେ ସେ କହିଥିଲେ, ନବୀନ ବାବୁଙ୍କ କଥା ଅନୁସାରେ ଦଳ ସାମାଜିକ ବିପ୍ଳବରେ ପରିଣତ ହୋଇସାରିଛି। ତେଣୁ ନିର୍ବାଚନ ଆସିଲେ ଦଳ ପାଇଁ ଆଦୌ ଚିନ୍ତା କରିବାକୁ ପଡେ ନାହିଁ। କାର୍ଯ୍ୟକ୍ରମରେ ଦଳର ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁ ଯୋଗଦେଇ କହିଥିଲେ, ଓଡ଼ିଶା ସରକାର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମଡେଲ ହୋଇସାରିଛି। ଅତୀତର କଥା ମନେପକାଇ କହିଥିଲେ ଯେଉଁ ରାଜ୍ୟ ଅନ୍ୟ ରାଜ୍ୟକୁ ହାତ ପାତୁଥିଲା ସେ ରାଜ୍ୟ ଆଜି ସାହାଯ୍ୟ ଦେଉଛି। କଂକ୍ରିଟ ରାସ୍ତାର ପରିକଳ୍ପନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିଲେ। ଯେଉଁଦିନ ନବୀନ ବାବୁ ମୁଖ୍ୟମନ୍ତ୍ରୀ ପଦରେ ବସିଥିଲେ ସେଦିନ ଓଡ଼ିଶାର ବଜେଟ ୧୧ ହଜାର କୋଟି ଟଙ୍କା ଥିଲା। କିନ୍ତୁ ଋଣ ୧୮ ହଜାର କୋଟିରେ ପହଞ୍ଚିଥିଲା। ୨୨ ବର୍ଷ ପରେ ବଜେଟ ୨ ଲକ୍ଷ କୋଟି ଓ ଋଣ ତା'ର ଅଧା ହୋଇଛି। ଅନ୍ୟପଟେ ଦେଶର ଅର୍ଥନୀତିରେ ସମୃଦ୍ଧ କୁହାଯାଉଥିବା ଗୁଜରାଟରେ ବଜେଟ ୨ ଲକ୍ଷ ଓ ଋଣ ପାଖାପାଖି ୪ ଲକ୍ଷ କୋଟି ଟଙ୍କା ହୋଇଛି। ଏଥିରୁ ବୁଝିନେବା ଉଚିତ ଗୁଜରାଟର ଅର୍ଥନୈତିକ ସ୍ଥିତିଠାରୁ ଓଡ଼ିଶାର ସ୍ଥିତ ଭଲ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ନାମ 'ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା' କରିବାକୁ ଦାବି କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଜିଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ ସମେତ ଜିଲା ପରିଷଦ ସଭ୍ୟ, ବ୍ଲକ ଅଧକ୍ଷା, ଅଧକ୍ଷ, ଜଗତ୍‌ସିଂହପୁର ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ଦଳ ଉପସଭାପତି ଗୌର ଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ବିଜେଡି ପ୍ରତିଷ୍ଠା ଦିବସରେ ପ୍ରଶାନ୍ତ କୁମାର ମୁଦୁଲି, ପ୍ରସନ୍ନ ଆଚାର୍ଯ୍ୟ ଓ ଅରୁଣ ସାହୁଙ୍କ ସହ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

## ସଂକ୍ଷେପରେ

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଧରାକୋଟ, ୧୮।୧: ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠ ଦିନ ଧରି ଚାଲିଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ତହସିଲଦାର କବିରାଜ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ଅଧକ୍ଷ ଅକ୍ଷୟ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅଧାପିକା ଖୀରାବ୍ଧି କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଅଧାପକ ଲଡୁ କିଶୋର ବେହେରା, ବଳରାମ ସ୍ୱାଇଁ, ରାଜଶ୍ରୀ ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ଗୋପାଳକୃଷ୍ଣ ପଣ୍ଡା ଓ ସନ୍ଦୀପ ପଟ୍ଟନାୟକ ଉପସ୍ଥିତ ରହିଥିଲେ। ଶିବିରରେ ୧୦୬ଜଣ ଛାତ୍ରୀ ଯୋଗଦେଇଥିବା ବେଳେ ଜସ୍ମିତା ଦଳବେହେରା ଓ ଜ୍ୟୋତି ନାୟକ ମାଷ୍ଟର ଟ୍ରେନର ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ ।

### ଅସହାୟ ଶିଶୁମାନଙ୍କୁ ବିଶ୍ୱକପ ହକି ଦେଖାଇଲା ପ୍ରଶାସନ

ପାରଳାଖେମୁଣ୍ଡି, ୧୮।୧ (ଡି.ଏନ୍.ଏ): ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ଗଜପତି ଜିଲାର ୩ଟି ଶିଶୁ ଯତ୍ନ ଅନୁଷ୍ଠାନ ଯଥା ଶ୍ରୀଜଗନ୍ନାଥ ନିକେତନର ୭ ଜଣ, ନିସାନ ସାଲୋମ ଚିଲ୍ଡ୍ରେନ ହୋମ ୫ ଜଣ ଓ ପ୍ରାଉଡ଼ ବାଳିକା ଅନୁଷ୍ଠାନର ୮ ଜଣ ଶିଶୁଙ୍କୁ ଜିଲା ଶିଶୁ ସୁରକ୍ଷା ୟୁନିଟ ମଙ୍ଗଳବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରେ ଅନୁଷ୍ଠିତ ହକି ବିଶ୍ୱକପକୁ ଉପଭୋଗ କରାଇଥିଲା। ଶିଶୁମାନଙ୍କ ମଧ୍ୟରୁ ୧୨ ଜଣ ପୁଅ ହୋଇଥିବା ବେଳେ ୮ ଜଣ ଝିଅ ଅଛନ୍ତି। ସେମାନଙ୍କ ସୁରକ୍ଷା ନିମନ୍ତେ ଜିଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତା ଡି.ମଲ୍ଲିକଙ୍କ ନେତୃତ୍ୱରେ ତିନି ଜଣିଆ ଦଳ ଗସ୍ତ କରିଛନ୍ତି। ପିଲାମାନଙ୍କର ଖାଇବା, ରହିବା ସହ ବୁଲିବା ନିମନ୍ତେ ହାଇଟେକ ଗ୍ରୁପ, ଭୁବନେଶ୍ୱର ଦାୟିତ୍ୱ ନେଇଥିଲା।

### ସଡ଼କ ସୁରକ୍ଷା ସଚେତନତା ସଭା

ଦିଗପହଣ୍ଡି,୧୮।୧(ଡି.ଏନ.ଏ.)- ଦିଗପହଣ୍ଡି ବ୍ଲକ ମଦନମୋହନପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଚେତନତା ଧର୍ମୀ ବିଭିନ୍ନ ପ୍ଲା କାର୍ଡ ଧରି ଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରି ବିଦ୍ୟାଳୟରେ ପହଞ୍ଚିଥିଲେ। ପ୍ରଧାନଶିକ୍ଷକ ଶିବରାମ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁରଲୀଧର ପ୍ରଧାନ, ଜାଗିଲି ପ୍ରଧାନ, ଜଗନ୍ନାଥ ପ୍ରଧାନ, ଶର୍ମିଷ୍ଠା ପ୍ରଧାନ, ସଙ୍ଗୀତା ବେହେରା ପ୍ରମୁଖ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। ରାସ୍ତାରେ ଚଳପ୍ରଚଳ ସମୟରେ ଅମୂଲ୍ୟ ଜୀବନକୁ ରକ୍ଷା କରିବା ପାଇଁ କେଉଁ ସବୁ ନିୟମ ପାଳନ କରିବାକୁ ହେବ ସେ ନେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତି ମହାରଣା, ଶିକ୍ଷକ ନରେନ୍ଦ୍ର ସାହୁ, ସୌମ୍ୟରଞ୍ଜନ ପ୍ରଧାନ ଓ ରାମଚନ୍ଦ୍ର ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତ ସମିତି ବୈଠକ ରଣକ୍ଷେତ୍ର

## ଛତୁଆକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

ପୁରୁଷୋତ୍ତମପୁର,୧୮।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପଞ୍ଚାୟତ ସମିତି ବୈଠକ ବୁଧବାର ଅଧକ୍ଷା ପିଙ୍କି ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିଥିଲେ। ଏହାସହ କେଉଁ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନାହିଁ ଓ ତାହାର ସ୍ଥିତି କ'ଣ ରହିଛି ସେହି ସମସ୍ୟା ନେଇ ମଧ୍ୟ ଆଲୋଚନା କରିଥିଲେ। ଏହି ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ତାଳମେଳ ରହୁନଥିବାରୁ କିଭଳି ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରହି କାର୍ଯ୍ୟ କରିହେବ ସେ ନେଇ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟିକା ପରାମର୍ଶ ଦେଇଥିଲେ। ବିଭିନ୍ନ ପଞ୍ଚାୟତରେ ଅନେକ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇପାରିନାହାନ୍ତି। ସେମାନେ କିଭଳି ଗୃହ ପାଇବେ ସେଥିନେଇ ଗୁରୁତ୍ୱ ଦିଆଯାଇଥିଲା। ତହସିଲଦାର ସନ୍ତୋଷ କୁମାର ସାହୁ ହିତାଧିକାରୀମାନେ କିଭଳି ମ୍ୟୁଟେସନ, ଖାତା ସଂଶୋଧନ, ଘରବାରି ଓ ଜମିପଟ୍ଟା କିଭଳି ଠିକ୍ ଭାବରେ ପାଇପାରିବେ ସେଥିନେଇ ବୁଝାଇ ଥିଲେ। ବୈଠକକୁ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଆସୁଥିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

କୃଷି ବିଭାଗର ଦାୟିତ୍ୱ ହିନତା ଯୋଗୁ ଚାଷୀମାନେ ସରକାରଙ୍କ ସୁବିଧା ଓ ସବ୍‌ସିଡ ପାଇପାରୁନଥିବାରୁ ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ମାତ୍ର ପଞ୍ଚାୟତ ସମିତି ବୈଠକ ଠିକ୍ ସମୟରେ ହେଉନାହିଁ। ଶେଷ ମୂହୁର୍ତ୍ତରେ ତାହା ବାତିଲ କରାଯାଉଛି। ଗତ ଏପ୍ରିଲ ମାସରେ ବୈଠକ ହୋଇଥିବା ବେଳେ ଦୀର୍ଘ ୯ମାସ ପରେ ଏହା ହେଉଛି। ବୈଠକ ଠିକ୍ ସମୟରେ ହେଉନଥିବାରୁ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ଉପୁଜୁଥିବା ଅଭିଯୋଗ କରି କିଛି ସରପଞ୍ଚ, ସମିତି ସଭ୍ୟ ଦାବି ଉଠାଇଥିଲେ। ଏହାକୁ ନେଇ ଅଧକ୍ଷା ଓ ତାଙ୍କ ବିରୋଧୀ ଗୋଷ୍ଠୀ ମଧ୍ୟରେ ହୋହାଲ୍ଲା ହୋଇ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ସେହିପରି ଛତୁଆ ଯୋଗାଣକୁ ନେଇ ମଧ୍ୟ ଦୁଇ ଗୋଷ୍ଠୀ ମଧ୍ୟରେ ସମାନ୍ତର ପରିସ୍ଥିତି ଉପୁଜି ମୁହାଁମୁହିଁ ହୋଇଥିଲେ। ଯାହାଦ୍ୱାରା ବୈଠକ ସ୍ଥଳ ଏକପ୍ରକାର ରଣକ୍ଷେତ୍ର ପାଲଟି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ଦେଖି ଉପସ୍ଥିତ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ହସ୍ତକ୍ଷେପ କରି ଉଭୟ ପକ୍ଷଙ୍କୁ ବୁଝାସୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏହି ବୈଠକରେ ବିଡ଼ିଓ ବିଜୟ କୁମାର ବେହେରା, ତହସିଲଦାର ସନ୍ତୋଷ କୁମାର ସାହୁ, ଗ୍ରାମ୍ୟ ଜଳଯୋଗାଣ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ଦାଶ, ସିଡିପିଓ ବବିତା ଚ୍ୟାଉପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଭଜମନ ବେହେରା ଓ ରଞ୍ଜିତ କୁମାର ବେହେରା, ସରପଞ୍ଚ ସୁଧାକର ଗୌଡ, ଏନ୍. ଭାସ୍କର ଦୋରା, ସବିତା ସେଠୀ, ଇନ୍ଦ୍ରଜିତ ନାୟକ, ଡାକ ବେହେରା, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ନାହାକ, ସୀମାଞ୍ଚଳ ଗୌଡ, ପ୍ରମୋଦ କୁମାର ମହାନ୍ତି, ଅନିଲ କୁମାର ଦାଶଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ପଞ୍ଚାୟତ ସମିତି ବୈଠକରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ।

## ମାରଦା ମହୋତ୍ସବ ପ୍ରସ୍ତୁତି ବୈଠକ

ପୋଲସରା,୧୮।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ପୋଲସରା ଏନଏସି କାର୍ଯ୍ୟାଳୟ ପରିସରରେ ବୁଧବାର ମାରଦା ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ବିଡ଼ିଓ ତଥା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମୁର୍ମୁ ସଭାପତିତ୍ୱ କରିଥିଲେ। ବୈଠକରେ ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା, ଏନଏସି ଅଧକ୍ଷା ସଂଗୀତା ବେହେରା, ଉପାଧକ୍ଷ ସନ୍ତୋଷ ବେହେରା, ବ୍ଲକ ଅଧକ୍ଷା ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ଉପାଧକ୍ଷ କାହ୍ନୁ ଚରଣ ପରିଡା, ସାଂସଦ ପ୍ରତିନିଧି ମୋତିରାମ୍ ସାହୁ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ ସମେତ ପୋଲସରା ଏନଏସିର ସମସ୍ତ କାଉନସିଲର ଓ ପୋଲସରା ବ୍ଲକର ୨୬ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସମେତ ପୋଲସରା ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବିଜେଡି ପ୍ରତିଷ୍ଠା ଦିବସ

ଆସିକା ୧୮।୧ (ଡି.ଏନ.ଏ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି ବିଜେଡି ପକ୍ଷରୁ ବୁଧବାର ସ୍ଥାନୀୟ କଳିଙ୍ଗା ରୋଡସ୍ଥିତ ମହୋତ୍ସବ ପଡିଆରେ ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ, ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ଏମପି. ପ୍ରସନ୍ନ ପାଟ୍ଟଶାଣୀ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ନନ୍ଦିନୀ ଦେବୀ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ଆସିକା ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକ, ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ, ସୂର୍ଯ୍ୟକାନ୍ତ ପରିଡା, ଭଗବାନ ସାହୁ, ଶିବ ନାହାକ ପ୍ରମୁଖ ମଞ୍ଚାସୀନ ଥିଲେ । ରାଜ୍ୟରେ ବିକାଶର ଧାରାକୁ ଅଧିକ ତ୍ୱରାନ୍ୱିତ କରିବା ଲାଗି ଦଳୀୟ କର୍ମୀମାନେ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ ଦିଆଯାଇଥିଲ।



ବିଜେଡି ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

# ଗଜପତି ପ୍ରେସ୍ କ୍ଲବ ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୧୮।୧ (ଡି.ଏନ୍.ଏ):

ପାରଳାଖେମୁଣ୍ଡିସ୍ଥିତ ଟାଉନ ହଲ ପରିସରରେ ବୁଧବାର ଜିଲାସ୍ତରୀୟ ସାମ୍ବାଦିକମାନଙ୍କ ଗଜପତି ପ୍ରେସ୍ କ୍ଲବ ଉଦଘାଟିତ ହୋଇଯାଇଛି। ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉଦଘାଟନୀ ସଭାରେ ବରିଷ୍ଠ ଖବରଦାତା ଗରୁଡ଼ଧ୍ୱଜ ଚୌଧୁରୀଙ୍କ ସଭାପତିତ୍ୱରେ ଜିଲାପାଳ କହିଥିଲେ, ସରକାର, ପ୍ରଶାସନିକ ଓ ସମାଜରେ ସାମ୍ବାଦିକମାନଙ୍କ ଏକ ସ୍ୱତନ୍ତ୍ର ସମ୍ମାନ ଓ ମର୍ଯ୍ୟାଦା ରହିଛି। ସାମ୍ବାଦିକମାନେ ସମାଜର ଏକ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିବା ସହ ପ୍ରଶାସନକୁ ମଧ୍ୟ ବିଭିନ୍ନ କ୍ଷେତ୍ରରେ ସୁରାକ ଯୋଗାଇବାରେ ସହଯୋଗ କରିଥାନ୍ତି। ତେଣୁ ସାମ୍ବାଦିକମାନେ ସବୁବେଳେ ନିରପେକ୍ଷ ଓ ସତ୍ୟ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ଦେବା ଉଚିତ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ ସଂଗ୍ରାମ ଶେଖର ପଣ୍ଡା, ପୌର ଅଧକ୍ଷା ନିର୍ମଳା ସେଠୀ, ଭାରପ୍ରାପ୍ତ ପୌରନିର୍ବାହୀ ଅଧିକାରୀ ନଟବର ଗରଡ଼ା ଏବଂ ବରିଷ୍ଠ ଖବରଦାତା ଦ୍ୱିଜେନ୍ଦ୍ର ନାଥ ପାଢ଼ୀ ପ୍ରମୁଖ ମଞ୍ଚାସିନ ରହି ସାମ୍ବାଦିକମାନଙ୍କ କର୍ତ୍ତବ୍ୟ ଓ ସମାଜ ପାଇଁ ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ବରିଷ୍ଠ ଖବରଦାତା ତାରିଣୀ ପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରେସକ୍ଲବ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟମାନେ।

## ଗ୍ରାମସଭାରେ ମଦ ଦୋକାନ ବନ୍ଦ ନିଷ୍ପତ୍ତି

ଫୁଲବାଣୀ ଅଫିସ, ୧୮।୧

ଫିରିଙ୍ଗିଆ ବ୍ଲକ କେଳାପଡ଼ା ପଞ୍ଚାୟତରେ ମଦ ଦୋକାନ ନବୀକରଣ ନ କରିବାକୁ ନେଇ ଗ୍ରାମବାସୀ ଏକଜୁଟ୍ ହୋଇଛନ୍ତି। ଏଥିପାଇଁ ଗତ ୬ ତାରିଖରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା ହୋଇ ସମସ୍ତଙ୍କ ପରାମର୍ଶ ଗ୍ରହଣ କରା ଯାଇଥିଲା। ୧୭ ତାରିଖରେ ଶେଷ ଗ୍ରାମସଭା ବସି ସମସ୍ତଙ୍କ ନିଷ୍ପତ୍ତି କ୍ରମେ ଆଗାମୀ ମାର୍ଚ୍ଚରେ ନବୀକରଣ ହେବାକୁ ଥିବା ମଦ ଦୋକାନକୁ ଆଉ ସ୍ୱୀକୃତି ଦିଆଯିବ ନାହିଁ ବୋଲି ସମସ୍ତ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି । ବୁଧବାର ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ଏକ ଦାବିପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି । ଏହି ସଭାରେ ପଞ୍ଚାୟତର ସଚେତନ ନାଗରିକ, ବୁଦ୍ଧିଜୀବୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରମୁଖ ଯୋଗ ଦେଇଥିଲେ ।

## ବୁଦ୍ଧଙ୍କ ମାନବିକତା ଶୀର୍ଷକ ସେମିନାର




ସେମିନାରରେ ଉପସ୍ଥିତ ଅତିଥି ।

ଗଞ୍ଜାମ,୧୮।୧(ଡି.ଏନ.ଏ.)

ଗଞ୍ଜାମ କଲେଜ ଅଡିଟୋରିୟମ ହଲ ଠାରେ ଜାତୀୟ ସମ୍ମାନର ଶୀର୍ଷକ ବୁଦ୍ଧଙ୍କ ମାନବିକତା- ଧର୍ମ ଓ ଧର୍ମ ନିରପେକ୍ଷର ଦାର୍ଶନିକ ସମନ୍ୱୟ ସେମିନାର ବୁଧବାର ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଡ଼ଃ ପ୍ରବୀଣ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସେମିନାରରେ ମୁଖ୍ୟ ଅତିଥି ଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଦର୍ଶନଶାସ୍ତ୍ର ବିଭାଗ ତଥା ବିଶିଷ୍ଟ ହେତୁବାଦୀ ଧନେଶ୍ୱର ସାହୁ, ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ପୂର୍ବତନ ପ୍ରଫେସର ଦର୍ଶନଶାସ୍ତ୍ର ବିଭାଗ ଡଃ ଶରତ ଚନ୍ଦ୍ର ପାଣଗ୍ରାହୀ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ତ୍ରିପୁରା ରାଜନୀତି ବିଜ୍ଞାନ ପ୍ରଫେସର ଅମର ପ୍ରସାଦ ବିଶୋଇ, ଅବସରପ୍ରାପ୍ତ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି, ପୂର୍ବତନ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପ୍ରଫେସର ତାରାତାରିଣୀ ମହାବିଦ୍ୟାଳୟ ଡ଼ଃ ନରସିଂହ ଦାୟିନୀ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଅଧାପକ ଲକ୍ଷ୍ମୀ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଂରାଜୀ ବିଭାଗ ଅଧାପିକା ଅରୁନ୍ଧତୀ ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧାପକ ଅମର ବିଶୋଇଙ୍କ ସମେତ ସୀମାଞ୍ଚଳ ଭୋଳ, ଉଦ୍ଭିଦ ବିଜ୍ଞାନ ଅଧାପକ ନରୋତ୍ତମଃ ମାନା, ଅଧାପକ ଡ଼ଃ ଦୁର୍ଗା ପ୍ରସାଦ ଦାସ ପ୍ରମୁଖ ସହଯୋଗ ପରିଚାଳନା କରିଥିଲେ।

# କୋଳେଇ ନେବାକୁ ରାଜି ସସ୍ମିତା, ନିୟମ ବାଧକ

## ଅଲୋଡ଼ା ହେଲା ଶିଶୁକନ୍ୟା

ଆର.ଉଦୟଗିରି,୧୮।୧(ଡି.ଏନ.ଏ.)

ପୁଣି ଅଲୋଡ଼ା ହେଲା ଶିଶୁ କନ୍ୟା। ଜନ୍ମ କରି ପୋଖରୀ ହୁଡାରେ ଫିଙ୍ଗିଦେଲା ମା'। ହେଲେ ଆଉ ଜଣେ ମମତାରେ ଭରା ହୃଦୟ ନେଇ ପର ସନ୍ତାନକୁ ଆପଣାଇ ନେଇଛନ୍ତି। ମଙ୍ଗଳବାର ମୋହନା ଥାନା ଚାନ୍ଦିପୁଟ ଗାଁରେ ଏହା ଘଟିଛି। ସକାଳେ ଗାଁ ପୋଖରୀ ହୁଡାରେ ନବଜାତ ଶିଶୁ କନ୍ୟା କାନ୍ଦୁଥିବା ଶୁଣିବାକୁ ପାଇଥିଲେ କିଛି ଗ୍ରାମବାସୀ। ପୋଖରୀ ହୁଡାରେ ଏକ ଗାମୁଛା ଉପରେ ଶିଶୁ କନ୍ୟାକୁ ରଖି କେହି ଚାଲି ଯାଇଥିଲେ। ତେବେ ସେହି ଗ୍ରାମର ସସ୍ମିତା ନାୟକ ଶିଶୁ କନ୍ୟାଟିକୁ ଉଦ୍ଧାର କରି ନିଜ ଘରକୁ ନେଇଥିଲେ ଓ ତାର ଯତ୍ନ ନେଇଥିଲେ। ନିଜର ପିଲା ଛୁଆ ନଥିବା ଯୋଗୁଁ ଶିଶୁ କନ୍ୟାକୁ ପାଇ ଖୁସି ପ୍ରକଟ କରିଥିଲେ। ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ନମିତା କୁମ୍ଭ ଓ ଆଶା କର୍ମୀ ଚୁମୁରି ବେହେରା ସସ୍ମିତାଙ୍କ ଘରକୁ ଯାଇ ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଧିକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମୋହନା ମେଡିକାଲକୁ ଆଣିଥିଲେ। ତେବେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶିଶୁ କନ୍ୟାକୁ ପାରଳାଖେମୁଣ୍ଡି ଶିଶୁ ସୁରକ୍ଷା ୟୁନିଟକୁ ନିଆଯାଇଛି। ଆଇନ ଅନୁଯାୟୀ ଆବେଦନ କରିବାକୁ ସସ୍ମିତାଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନମିତା ପଣ୍ଡା କହିଛନ୍ତି।

# ଆବାସ ଯୋଜନାର ସମୀକ୍ଷା କରୁଛନ୍ତି ବିଡିଓ

## ହିତାଧିକାରୀ ଚୟନ ପ୍ରକ୍ରିୟାକୁ ନେଇ ଅସନ୍ତୋଷ

ଭଞ୍ଜନଗର,୧୮।୧(ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଭଞ୍ଜନଗର ବ୍ଲକରେ ପ୍ରଥମେ ୮୯୭ ହିତାଧିକାରୀଙ୍କୁ ଦେବାକୁ ଯୋଜନା ଥିଲା। କିନ୍ତୁ ଦୈନନ୍ଦିନ ନୂଆ ନୂଆ ଅଭିଯୋଗ ଆସୁଥିବା ଯୋଗୁ ସଂଖ୍ୟା ଧିରେ ଧିରେ କମୁଛି । ଯୋଜନାର ସଫଳତା ନେଇ ଭଞ୍ଜନଗର ବିଡ଼ିଓ ଶଶିଭୂଷଣ ମହାପାତ୍ର ଅଗ୍ରଗତିର ସମୀକ୍ଷା କରୁଛନ୍ତି । ବିଭିନ୍ନ ଗାଁକୁ ଗାଁ ବୁଲି ଗରିବ ଲୋକଙ୍କ ସହ ମିଶି ସେମାନଙ୍କର ସମସ୍ୟାର ସମାଧାନ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ବୁଧବାର ବିଡ଼ିଓ ବ୍ଲକର ଅବହେଳିତ ଗ୍ରାମ ଉଲିଙ୍ଗିଆକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଯୋଗ୍ୟ ହିତାଧିକାରୀମାନେ କିଭଳି ଆବାସ ଯୋଜନାରେ ସାମିଲ ହେବେ ସେନେଇ ମଧ୍ୟ ସମୀକ୍ଷା କରିଛନ୍ତି । ବର୍ତ୍ତମାନ ବ୍ଲକର ସମସ୍ତ ୨୨ଟି ପଞ୍ଚାୟତ କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟରେ ସାମ୍ଭାବ୍ୟ ତାଲିକା ଏବଂ ଅଭିଯୋଗ ବକ୍ସ ରଖାଯାଇଛି । କୌଣସି ବ୍ୟକ୍ତି ଅଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ଅଭିଯୋଗ କରିବାକୁ ଥିଲେ ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନରେ ଅଭିଯୋଗ କରିପାରିବେ। ସମ୍ଭାବ୍ୟ ତାଲିକାକୁ ନେଇ ଭଞ୍ଜନଗର ବ୍ଲକର ବିଭିନ୍ନ ଗ୍ରାମର ରାଜନୀତି ଚଳଚଞ୍ଚଳ ହୋଇପଡ଼ିଛି । କିଏ ରହିବ କିଏ କଟିବ ତାହାକୁ ନେଇ କୁଜି ନେତାମାନେ ଆଲୋଚନା କରୁଛନ୍ତି । ଅପରପକ୍ଷେ ହିତାଧିକାରୀ ଚୟନ ପ୍ରକ୍ରିୟାକୁ ନେଇ ଅଧିକାଂଶ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଯୁଗରେ ଯାନବାହାନ ଲୋକଙ୍କ ପାଇଁ ନିହାତି ଆବଶ୍ୟକ ହୋଇପଡ଼ିଛି। ଜଣେ ଗରିବ ପରିବା ବ୍ୟବସାୟିଟିଏ ବ୍ୟବସାୟ ପାଇଁ ଋଣରେ ବାଇକଟିଏ କିଣିଥିଲେ ସେ ତାଲିକାରୁ ବାଦ୍ ପଡ଼ିବେ । କେନ୍ଦ୍ର ସରକାରଙ୍କ ଏହିଭଳି ନିୟମକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ସରକାର ନିୟମରେ କିଛି ପରିବର୍ତ୍ତନ କରିବା ପାଇଁ ସାଧାରଣରେ ଦାବି ହେଉଛି ।



ବିଡ଼ିଓ ଶଶି ଭୂଷଣ ମହାପାତ୍ର ଉଲିଙ୍ଗିଆରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

# ଶିକ୍ଷା, ସୁରକ୍ଷା, ରୋଜଗାର ନେଇ ଗର୍ଜିଲା ଏବିଭିପି

ଫୁଲବାଣୀ ଅଫିସ, ୧୮।୧

କନ୍ଧମାଳ ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ (ଏବିଭିପି)ପକ୍ଷରୁ ବୁଧବାର ଏକ ବିଶାଳ ସମାବେଶ କରାଯାଇଛି । ଶିକ୍ଷା, ସୁରକ୍ଷା ଏବଂ ରୋଜଗାର ନେଇ ସଂଗଠନ ରାଜ୍ୟ ସରକାରଙ୍କ ଉପରେ ଗର୍ଜିଛି । ସରକାର ଆଗାମୀ ଦିନରେ ଏସବୁ ଦିଗ ଉପରେ ଗୁରୁତ୍ୱ ନ ଦେଲେ ରାଜ୍ୟସ୍ତରରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଏବିଭିପି ପକ୍ଷରୁ ଚେତାବନୀ ଦିଆଯାଇଛି।

ସ୍ଥାନୀୟ କଲେଜ ପଡ଼ିଆ ଛକରୁ ଏବିଭିପି କର୍ମକର୍ତ୍ତା, ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନେ ରାଲିରେ ବାହାରି ସହର ପରିକ୍ରମା କରିଥିଲେ । ସେମାନେ ସରକାରଙ୍କ ଅପାରଗତାକୁ ନେଇ ବିଭିନ୍ନ ସ୍ଲୋଗାନ ଦେଇ କରୋନେଶନ ପଡିଆରେ ଏକତ୍ରିତ ହୋଇଥିଲେ । ସେଠାରେ ଏକ ସଭା ଆୟୋଜନ ହୋଇଥିଲା । କନ୍ଧମାଳ ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ଉପଯୁକ୍ତ ଶିକ୍ଷା ପାଇଁ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି। କିନ୍ତୁ ଜିଲାର ଶିକ୍ଷାର ଅନ୍ତୁଡିଶାଳ କୁହାଯାଉଥିବା ଫୁଲବାଣୀ ସରକାରୀ କଲେଜଠାରୁ ଆରମ୍ଭ କରି ଅନ୍ୟ କଲେଜରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଫୁଲବାଣୀ କଲେଜରୁ ସ୍ୱୟଂ ଶାସିତ ମାନ୍ୟତା ଉଠିଯାଇଛି । ଏଥିପ୍ରତି ପ୍ରଶାସନ କି ସରକାର କେହି ଦୃଷ୍ଟି ଦେଉ ନାହାନ୍ତି । ଶିକ୍ଷା ବ୍ୟବସ୍ଥା ଖାଲି କାଗଜ କଲମରେ ଚାଲିଛି । ସେହିପରି ସୁରକ୍ଷା ବ୍ୟବସ୍ଥା ଏଠି ଠିକ୍ ନାହିଁ । ଛାତ୍ରୀ କବିତା କହଁରଙ୍କ ମୃତ୍ୟୁ ଘଟଣାରେ ଆଜି ପର୍ଯ୍ୟନ୍ତ ପୋଲିସ ଦିଗହରା ହୋଇଛି । ମୁଖ୍ୟ ଅପରାଧି ଆଜି ବି ବାହାରେ ବୁଲୁଛନ୍ତି । ସେମାନଙ୍କୁ ଗିରଫ କରାଯାଉନାହିଁ। ଜିଲାରେ ଥିବା ସେବାଶ୍ରମ ବିଦ୍ୟାଳୟରେ ମଧ ଛାତ୍ରୀମାନେ ଅସୁରକ୍ଷିତ । ଅନେକ ସମୟରେ ଛାତ୍ରୀ ଗର୍ଭବତୀ ହେବା ଏବଂ ମୃତ୍ୟୁବରଣ କରିବା ଘଟଣାକୁ ନେଇ କନ୍ଧମାଳ ଜିଲା ରାଜ୍ୟରେ ଦୁର୍ନାମ ଅର୍ଜନ କରି ଚାଲିଛି। ରାଜ୍ୟ ସରକାର ନିଯୁକ୍ତି ସୁଯୋଗ ସୃଷ୍ଟି କରୁ ନ ଥିବାରୁ ଜିଲାର ଶିକ୍ଷିତ ଯୁବତୀ ଯୁବକମାନେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ତେଣୁ ସରକାର ଏସବୁ ଦିଗକୁ ତର୍ଜମା କରି ଯଦି ପଦକ୍ଷେପ ନ ନେବେ ତାହାଲେ ଆଗାମୀ ଦିନରେ ଏବିଭିପି ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଗଠନ କର୍ମକର୍ତ୍ତା ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି ସମାବେଶରେ ରାଜ୍ୟ ଯୁଗ୍ମ ସମ୍ପାଦକ ସ୍ୱାଗତ କୁମାର ତ୍ରିପାଠୀ ଓ ସଂଜନା କହଁର, କନ୍ଧମାଳ ଜିଲା ପ୍ରମୁଖ ଶିବାଶିଷ ପଣ୍ଡା, ଜିଲା ସଂଯୋଜକ ରୁଦ୍ରପ୍ରସାଦ ସେଠୀ, ଗଞ୍ଜାମ ବିଭାଗ ସମ୍ପାଦକ ସୌଭାଗ୍ୟ ମହାନ୍ତି ଓ ଝୁକୁନା ମଲ୍ଲିକ, ରାଜ୍ୟ ଜନଜାତି ସହ ପ୍ରମୁଖ ତଅପୋଇ କହଁରଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।




ସମାବେଶରେ ଏବିଭିପି କର୍ମକର୍ତ୍ତା ଏବଂ ଅନ୍ୟମାନେ ।

# ଦୁର୍ନୀତିର ଗନ୍ତାଘର ପାଲଟିଛି ଓସିସିଏଲ୍

- କର୍ମଚାରୀ ସଂଘ ପକ୍ଷରୁ ଅଭିଯୋଗ
- ଜଳ ସମ୍ପଦ ବିଭାଗର ଅଧସ୍ତନ ସଚିବଙ୍କ ତଦନ୍ତ ନିର୍ଦ୍ଦେଶ

**ଯାଜପୁର ଅଫିସ,୧୮।୧ :**

ଯାଜପୁର ଜିଲା ଦେଇ ପ୍ରବାହିତ ଖରସ୍ରୋତା ଓ ବୈତରଣୀରେ ଏକାଧିକ ବ୍ୟାରେଜ୍ ନିର୍ମାଣ କରୁଥିବା ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ (ଓସିସିଏଲ୍) ଦୁର୍ନୀତି ଗନ୍ତାଘର ପାଲଟିଛି। ଏଠାରେ ବ୍ୟାପକ ଭାବେ ଆର୍ଥିକ ଅନିୟମିତତା ସମେତ ଦୁର୍ନୀତି ଏବଂ ନିଯୁକ୍ତି କ୍ଷେତ୍ରରେ ବିନା ଇଣ୍ଟରଭ୍ୟୁରେ ବିଭାଗୀୟ ଅଧିକାରୀଙ୍କ ସମ୍ପର୍କୀୟଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଓସିସିଏଲର କର୍ମଚାରୀ ସଂଘ ପକ୍ଷରୁ ଏଭଳି ଗୁରୁତର ଅଭିଯୋଗ ହୋଇଛି। ଏହି ମର୍ମରେ ସଂଘର ସାଧାରଣ ସମ୍ପାଦକ ତୁଷାରକାନ୍ତ ଦାଶ ଲିଖିତ ଭାବେ ଓଡ଼ିଶା ସରକାରଙ୍କ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି।

କର୍ମଚାରୀ ସଂଘ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ, ଓସିସିଏଲ୍ ହେଉଛି ଏକ ଲାଭକାରୀ ସଂସ୍ଥା ଏବଂ ନିୟମିତ ଭାବେ ସରକାରଙ୍କୁ ଲାଭାଂଶ ପ୍ରଦାନ କରି ଆସୁଛି। କିନ୍ତୁ କେତେଜଣ ବିଭାଗୀୟ ଅଧିକାରୀ ନିଜ ସ୍ୱାର୍ଥ ସାଧନ ପାଇଁ ଏହି ସଂସ୍ଥାକୁ ବୁଡ଼ାଇବାକୁ ଉଦ୍ୟମ କରୁଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବ୍ୟାଙ୍କଗୁଡିକରେ ଉପଲବ୍ଧ ପାଣ୍ଠିର ଭୁଲ ବ୍ୟବହାର ହେଉଛି। ସାଧାରଣତଃ ଓସିସିଏଲ୍‌ର ସମସ୍ତ ଉପଲବ୍ଧ ପାଣ୍ଠି ବ୍ୟାଙ୍କଗୁଡିକରେ ସର୍ଟ ଟର୍ମ ଡିପୋଜିଟ ରିସିପ୍ଟ(ଏସ୍‌ଟିଡିଆର୍) ଫର୍ମରେ ରଖାଯାଇ ପରିଚାଳିତ ହେବାର ନିୟମ ରହିଛି। ଏହାଦ୍ୱାରା ସୁଧ ମାଧ୍ୟମରେ ସଂସ୍ଥା ବିପୁଳ ପରିମାଣର ଲାଭ କରିପାରିବ। କିନ୍ତୁ ଜଣେ ଅଧିକାରୀ ଏଠାରେ ଯୋଗଦେବା ପରେ ସେ ସଂସ୍ଥାର ଲାଭକୁ ଅଣଦେଖା କରି କେବଳ ନିଜର ସ୍ୱାର୍ଥ ବିଷୟରେ ଚିନ୍ତା କରୁଛନ୍ତି। ସେ ଏସ୍‌ଟିଡିଆର୍ ଫର୍ମରେ ଅର୍ଥ ଜମା ରଖିବା ପରିବର୍ତ୍ତେ ୨/୩ ଟି ନିର୍ଦ୍ଦିଷ୍ଟ ବ୍ୟାଙ୍କର ସେଭିଂ ଆକାଉଣ୍ଟରେ ବିପୁଳ ପାଣ୍ଠି ରଖିବା ଆରମ୍ଭ କରିଛନ୍ତି। ଅଡିଟରମାନେ ଏହି ଅନିୟମିତତାକୁ ଚିହ୍ନଟ କରିଥିଲେ। କିନ୍ତୁ ଅଡିଟରମାନଙ୍କୁ ନିଜ ପକେଟରେ ରଖି ସମସ୍ତ ଅନିୟମିତତାକୁ ଚାପି ଦେଇଛନ୍ତି। ୨୦୨୧-୨୦୨୨ ଆକାଉଣ୍ଟ ଅଡିଟ୍ ସମୟରେ ଅଡିଟରମାନଙ୍କ ରହିବାକୁ ଓସିସି କଲୋନୀରେ ଏକ କ୍ୱାର୍ଟର୍ସ ପ୍ରଦାନ କରିଥିଲେ। ଅଡିଟ୍ ଶେଷ ହେବା ପରେ ମଧ୍ୟ ସେମାନେ ସେଠାରେ ୬ ମାସ ରହିଥିଲେ। ସେମାନଙ୍କ ମଧ୍ୟାହ୍ନ ଓ ରାତ୍ରି ଭୋଜନ, ମଦ ଏବଂ ଅନ୍ୟାନ୍ୟ ମନୋରଞ୍ଜନ ପାଇଁ ଜଣେ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବେ ନିଯୋଜିତ କରିଥିଲେ। ଏହି ଅବସରରେ ଜଣେ ମଦ ବିକ୍ରେତାଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ତେଣୁ ଅଡିଟରମାନେ ମଧ୍ୟ ଚୁପ୍ ରହିଥିଲେ। ଏହି ଅନିୟମିତତାକୁ ଅଡିଟ୍ କମିଟିର ଅଧ୍ୟକ୍ଷ ମଧ୍ୟ ଆବଶ୍ୟକ ସ୍ଥଳେ ସହଯୋଗ କରିଛନ୍ତି। ଏଭଳି ଦୁର୍ନୀତିକୁ ରୋକିବା ପାଇଁ ଫାଇନାନ୍ସିଆଲ ଆଡଭାଇଜର(ଏଫ୍‌ଏ)ଙ୍କ କୌଣସି ଶକ୍ତି ନାହିଁ ଭଳି ମନେ ହେଉଛି। ସଂପୃକ୍ତ ଦୁର୍ନୀତିଖୋର ଅଧିକାରୀ ମଧ୍ୟ ତାଙ୍କ ଅଫିସରଙ୍କୁ ମାନି ନ ଥାନ୍ତି। ଏହିକ୍ରମରେ ଅଧିକାରୀ ଜଣକ ଉପରୋକ୍ତ ଦୁର୍ନୀତିକୁ ପ୍ରୋତ୍ସାହିତ କରୁଛନ୍ତି। ଏପରିକି କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ସେ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ନିଜର ସହକାରୀ ଭାବେ ନିଯୋଜିତ କରିଛନ୍ତି । ଏହା ଜାଣିବାକୁ ମିଳିଛି ଯେ ରିଅଲ ଇଷ୍ଟେଟ ବ୍ୟବସାୟ ପରି ତାଙ୍କର କିଛି ଅତିରିକ୍ତ ବ୍ୟବସାୟ ଅଛି । ସେ ତାଙ୍କର ବ୍ୟକ୍ତିଗତ କାମ ପାଇଁ କେତେଜଣ କର୍ମଚାରୀଙ୍କ ସେବାକୁ ବିଭ୍ରାନ୍ତ କରନ୍ତି । ଯାହା ସମସ୍ତ କାମକୁ ପ୍ରଭାବିତ କରିଥାଏ। ଏହି ଆର୍ଥିକ ଅନିୟମିତତା ରୋକିବାକୁ ଜଣେ ସରକାରୀ ଏଫ୍‌ଏଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଓସିସିଏଲର ଅଧ୍ୟକ୍ଷଙ୍କୁ ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

ଜୟପୁର ତେଲେଙ୍ଗିରି ସ୍ଲିଲୱେ ପ୍ରକଳ୍ପ କାର୍ଯ୍ୟ ସମୟରେ ଏକ କ୍ରେନ ନଦୀ ଭିତରେ ଖସି ପଡିଥିଲା। ସେହିପରି କେନ୍ଦୁଝର ଜିଲା ଆନନ୍ଦପୁର ପ୍ରକଳ୍ପ କାମରେ ନିୟୋଜିତ ଥିବା ଅନ୍ୟ ଏକ ଆଧୁନିକ ଏବଂ ବହୁ ମୂଲ୍ୟବାନ କ୍ରେନ ଛାଡି ଦିଆଯାଇଛି। ଏହାର ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ କ୍ରେନଦ୍ୱୟର ମୂଲ୍ୟବାନ ଅଂଶବିଶେଷଗୁଡିକ ଚୋରି ହୋଇ ଯାଇଛି। ଓସିସିଏଲର କର୍ମଚାରୀ ଓ ଶ୍ରମିକମାନେ ଯେଉଁ କାମ କରି ପାରିବେ ସେଗୁଡକରେ ବେସରକାରୀ ଠିକାଦାରମାନଙ୍କୁ ନିୟୋଜିତ କରାଯାଉଛି। ଠିକାଦାରମାନେ କେବଳ ୪୦ ପ୍ରତିଶତ କାର୍ଯ୍ୟ ଶେଷ କରୁଥିବାବେଳେ ବଳକା କାମ କର୍ମଚାରୀମାନଙ୍କ ଦ୍ୱାରା ସମ୍ପାଦନ କରାଯାଉଛି। କିନ୍ତୁ ସମ୍ପୂର୍ଣ୍ଣ ଅର୍ଥ ଠିକାଦାରମାନଙ୍କୁ ପ୍ରଦାନ କରି ଲକ୍ଷାଧିକ ଟଙ୍କା ଅସାଧୁ ଉପାୟରେ ଆତ୍ମସାତ୍ କରାଯାଉଛି। ଓସିସିଏଲ୍‌ରେ ଏକାଧିକ ଇଞ୍ଜିନିୟରଙ୍କୁ ମାସିକ ୩୫ ହଜାରରୁ ୪୫ ହଜାର ଟଙ୍କା ଦରମା ଦେଇ ନିଯୁକ୍ତି କରାଯାଇଛି। ଏହି ସମସ୍ତ ଯନ୍ତ୍ରୀ ଓସିସିଏଲ ଅଧିକାରୀଙ୍କ ସମ୍ପର୍କୀୟ କିମ୍ବା ଜଣାଶୁଣା। ପଦବୀ ଖାଲି ନ ଥିବା ସତ୍ତ୍ୱେ ବିନା ଇଣ୍ଟରଭ୍ୟୁରେ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରି ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଯେହେତୁ ସେମାନଙ୍କ କୌଣସି କାମ ନାହିଁ ସେମାନେ ମୋବାଇଲ କିମ୍ବା କମ୍ପ୍ୟୁଟର ଦେଖି ସମୟ ଅତିବାହିତ କରୁଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଓସିସିଏଲ ଏକ ହବ୍ ପାଲଟିଛି । ଏଭଳି ଦୁର୍ନୀତି ଓ ଅନିୟମିତତା ସର୍ବୋଚ୍ଚସ୍ତରରେ ପହଞ୍ଚି ସାରିଛି। ସୋସିଆଲ ମିଡିଆ ମାଧ୍ୟମରେ ମଧ୍ୟ ଏହା ଭାଇରାଲ ହୋଇଛି । ତେଣୁ ଦୟାକରି ଉପରୋକ୍ତ ଅଭିଯୋଗର ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗର ଅଧସ୍ତନ ସଚିବ ବି.ସି. ରାଉତ ଗତ ୯।୧।୨୦୨୩ ରେ ଉପରୋକ୍ତ ଅଭିଯୋଗଗୁଡିକ ଉପରେ ଉପଯୁକ୍ତ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଇଞ୍ଜିନିୟର-ଇନ୍-ଚିଫ୍(ଇଆଇସି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ପଞ୍ଚାୟତ ଭବନ ଗୃହ ଉଦ୍‌ଘାଟିତ

ଛତିଆ,୧୮।୧(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ନେଳିଆ ପଞ୍ଚାୟତରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପଞ୍ଚାୟତ ଭବନ ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବଡ଼ଚଣା ବ୍ଲକ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ବ୍ଲକ ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ସଭ୍ୟ ସସ୍ମିତା ମହାନ୍ତି, ଯଚିନ୍ଦ୍ର ନାୟକ, ଆମ୍ବା ଅଧ୍ୟକ୍ଷ ନିରଞ୍ଜନ ସେନାପତି, ସ୍ଥାନୀୟ ସରପଞ୍ଚ ଜୟନ୍ତୀ ସାଇଁ, ସମିତିସଭ୍ୟା ଗୀତାଞ୍ଜଳି ବେହେରା, ଛତିଆ ସରପଞ୍ଚ ରମେଶ ପୃଷ୍ଟି, ସମିତିସଭ୍ୟ ଦୀପକ ସାହୁ, ସୋଲର ସରପଞ୍ଚ ବିଜୟ ସ୍ୱାଇଁ, ସାମାଜିକ କର୍ମୀ ବାସୁଦେବ ସାଇଁ ଓ ଧୀରେନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ଥିଲେ।

### ୫-ଟି ସ୍କୁଲ କାର୍ଯ୍ୟ ତଦାରଖ କଲେ ୨ ବ୍ଲକ୍ ଅଧ୍ୟକ୍ଷ ଅସମ୍ପୂର୍ଣ୍ଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ

ରସୁଲପୁର,୧୮।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ହିଙ୍ଗୁଳା ବିଦ୍ୟାପୀଠ ୫-ଟି ରୂପାନ୍ତରୀକରଣରେ ଅନ୍ତର୍ଭୁକ୍ତ ହୋଇଛି। ଏହି ବିଦ୍ୟାଳୟ ଲୋକାର୍ପିତ ହୋଇସାରିଛି। କିନ୍ତୁ ଏଯାଏ ରୂପାନ୍ତରୀକରଣ କାର୍ଯ୍ୟ ଶେଷ ହୋଇନାହିଁ। ବିଦ୍ୟାଳୟର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ପରିଦର୍ଶନରେ ଆସି ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ ଓ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଉଭୟ ଅଧ୍ୟକ୍ଷ ବିଦ୍ୟାଳୟରେ ଚାଲିଥିବା ଉନ୍ନୟନ କାର୍ଯ୍ୟକୁ ତଦାରଖ କରିଛନ୍ତି। ଉଭୟ ବ୍ଲକ୍ ଅଧ୍ୟକ୍ଷ ରସୁଲପୁର ପଞ୍ଚାୟତ ଖଣ୍ଡିତରଠାରେ ଏକ ଘରୋଇ କାର୍ଯ୍ୟକ୍ରମକୁ ଯାଉଥିବା ବାଟରେ ବିଦ୍ୟାଳୟକୁ ଅଚାନକ ପ୍ରବେଶ କରିଥିଲେ। ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ବଳବନ୍ତରାୟ ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ଓ ତାଙ୍କ ଘର ଭୋଟକା ଗ୍ରାମରେ ହୋଇଥିବାରୁ ସେ ବିଦ୍ୟାଳୟରେ ପହଞ୍ଚିବାର ସୁଯୋଗକୁ ହାତଛଡ଼ା କରି ନ ଥିଲେ। ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ରାଉତ, ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ମନୋଜ ରାଉତ ପ୍ରମୁଖ ବିଦ୍ୟାଳୟରେ ଉପସ୍ଥିତ ରହି ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପରେ ନିର୍ମାଣ କାର୍ଯ୍ୟ କିପରି ଶୀଘ୍ର ଶେଷ ହେବ ସେ ନେଇ ଉଭୟ ଅଧ୍ୟକ୍ଷ ସେ ଦିଗରେ ଗୁରୁତ୍ୱ ଦେଇଥିଲେ।



## କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଧର୍ମଶାଳା,୧୮।୧(ଡି.ଏନ.ଏ.):**

ଧର୍ମଶାଳା ବ୍ଲକ ଅଧୀନ ବଜ୍ରଗିରି ଜୁନିୟର କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ବ୍ୟାପୀ ଅନୁଷ୍ଠିତ ଏହି ଖେଳକୁ କଲେଜ ଅଧ୍ୟକ୍ଷ ପତିତପାବନ ବଳସାମନ୍ତ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୦୦, ୨୦୦ ମିଟର ଦୌଡ଼, ସଟ୍‌ପୁଟ ଓ ଡିସ୍କସ୍ ଥ୍ରୋ, ଖୋଖୋ, ହାଇଜମ୍ପ, ଲଙ୍ଗଜମ୍ପ ଓ ମ୍ୟୁଜିକ ଚେୟାର ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଖେଳକୁ ଅଧ୍ୟାପକ ସଞ୍ଜୟ କୁମାର ସାମଲ, ଲକ୍ଷ୍ମୀଧର ନାୟକ, ସୁବାସ ଚନ୍ଦ୍ର ରାଉତ, ସୁମନ୍ତ ଜେନା, ରାକେଶ ମହାନ୍ତି, ରତ୍ନପ୍ରଭା ସାମନ୍ତରାୟ ଓ ସ୍ମୃତିରେଖା ପଣ୍ଡା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ବଳସାମନ୍ତ ଅଧ୍ୟକ୍ଷତା କରିଥିଲେ। କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଅନନ୍ତ କିଶୋର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ସହ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ବାଳିକା ବିଭାଗରେ ସିପ୍ରା ପରିଡ଼ା, ବାଳକ ବିଭାଗରେ ରଶ୍ମିରଞ୍ଜନ ରାୟ ଚାମ୍ପିୟନ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମର ରଞ୍ଜନ ସାମଲ ଅତିଥିଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଅରବିନ୍ଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେବାଶିଷ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ସଂକଳ୍ପର ବାସ୍ତବତାରେ ଉତ୍ସବ ସାକାର ହୁଏ



ଅତିଥି କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରୁଛନ୍ତି।

### ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ ସଭା

**ରସୁଲପୁର,୧୮।୧(ଡି.ଏନ.ଏ.):**

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ରୂପାନ୍ତରୀକରଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଆୟୋଜନ ପରମ୍ପରା ବିଦ୍ୟାର୍ଥୀ, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଏକ ସୁ-ସଂପର୍କ ସୃଷ୍ଟି କରିଥାଏ। ଉତ୍ସବ ଜରିଆରେ ଅତିତର ସ୍ମୃତି, ବିଦ୍ୟାଳୟରେ ବିତି ଯାଇଥିବା ଶିକ୍ଷାବର୍ଷର ଶୈକ୍ଷିକ, ଉନ୍ନତୀକରଣ, ସବୁଜ, ସୁନ୍ଦର ଆଦି ଦିଗରେ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ସମୀକ୍ଷା ଓ ଆସନ୍ତା ଶିକ୍ଷାବର୍ଷ ପାଇଁ କ'ଣ ସବୁ ପଦକ୍ଷେପ ନିଆଯିବ ସେ ନେଇ ସଂକଳ୍ପ ନେବା ଆଦିକୁ ବାସ୍ତବତାର ରୂପରେଖ ଦିଆଯାଇ ପାରିଲେ ଉତ୍ସବର ଉଦ୍ଦେଶ୍ୟ ସାକାର ହୋଇଥାଏ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ବିଦ୍ୟାର୍ଥୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ କ୍ଷେତ୍ରରେ ଶିକ୍ଷକମାନେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ବୁଧବାର ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ପ୍ରଧାନଶିକ୍ଷକ ସୁନନ୍ଦ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ଯାଜପୁର ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ମୁଖ୍ୟବକ୍ତା କାହ୍ନୁଚରଣ ମହାବିଦ୍ୟାଳୟ କୋରେଇର ଇଂରାଜୀ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ, ସମ୍ମାନିତ ଅତିଥି ରସୁଲପୁର ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲିକ, ଶିକ୍ଷାବିତ୍ ଅମୂଲ୍ୟ କୁମାର ଦାସ, ଜିଲାପରିଷଦ ସଦସ୍ୟା ଶଶିରେଖା ପୃଷ୍ଟି, ରସୁଲପୁର ସରପଞ୍ଚ ସୁରେନ୍ଦ୍ର କୁମାର ତିଆଡ଼ି, ପ୍ରଧାନଶିକ୍ଷୟିତ୍ରୀ କମଳ କୁମାରୀ ଦାସ, ପରିଚାଳନା କମିଟିର ସଭାପତି ସତ୍ୟରଞ୍ଜନ ସାହାଣୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂସ୍କୃତ ଶିକ୍ଷକ ପ୍ରଭାକର ପ୍ରଧାନ ଆଦିଭାଷା ସଂସ୍କୃତରେ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜ୍ଞାନ ଶିକ୍ଷକ ଅଟଳ ବିହାରୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡା ଶିକ୍ଷକ ଅନାଦି ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ଶେଷ ୪ବର୍ଷ ଧରି ବିଦ୍ୟାଳୟ ମାଟ୍ରିକ ପରୀକ୍ଷାରେ ପାସ ହାର ଶତପ୍ରତିଶତ ରହୁଥିବାରୁ ପ୍ରଧାନଶିକ୍ଷକ ରାଉତଙ୍କୁ ପୁରାତନ ଛାତ୍ର, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଶିକ୍ଷୟିତ୍ରୀ ପ୍ରାଜ୍ଞାପରମିତା ପୃଷ୍ଟି, ପ୍ରଭାକର ପ୍ରଧାନ, ଲିଲିମା ତ୍ରିପାଠୀ, ସୁକନ୍ୟା ବେହେରା, ସ୍ୱର୍ଣ୍ଣପ୍ରଭା ରାମ, ରୋନାଲିଜା ଆଏଚ, ପ୍ରିୟଙ୍କା ବାହାଲିଆ, ଏନା ନାଏକ, ଭାଗ୍ୟଲକ୍ଷ୍ମୀ ପଣ୍ଡା, ଧୀରେନ୍ଦ୍ର ନାଥ, ମମତା ଶତପଥୀ, ସମନ୍ୱଦ ନସିମ ଖାନ୍, ଜ୍ୟୋତ୍ସ୍ନାରାଣୀ ରାଉତ, ଫଣିନ୍ଦ୍ର କୁମାର ଶତପଥୀ, ଜ୍ୟୋତିରଞ୍ଜନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଦ୍ୟାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ପଦ୍ମନାଭପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଛତିଆ,୧୮।୧(ଡି.ଏନ.ଏ.):**

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ନେଳିଆ ପଞ୍ଚାୟତ ପଦ୍ମନାଭପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ରଜନୀକାନ୍ତ ପୃଷ୍ଟି ସଭାପତିତ୍ୱ କରିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ଓ ସଂସ୍କାର ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଉତ୍ତମ ଚରିତ୍ର ଗଠନ ସହିତ ଭଲ ମଣିଷ ତିଆରି ସମ୍ଭବ ବୋଲି କହିଥିଲେ। ପିଲାମାନେ କେବଳ ପାଠପଢ଼ିଲେ ହେବନାହିଁ। ପଢ଼ା ସହିତ ଖେଳରେ ଆଗ୍ରହି ମନଦେଲେ ଆଗାମୀ ଦିନରେ ନିଜର ଭବିଷ୍ୟତ ଗଠନ କରିପାରିବେ ବୋଲି ବିଧାୟକ ମତ ରଖିଥିଲେ। ପ୍ରଧାନଶିକ୍ଷକ ବିଭୁତି ଭୂଷଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସବିତା ସାହୁ, ଅତିରିକ୍ତ ଶିକ୍ଷାଧିକାର ନିଳାମ୍ବର ମିଶ୍ର, ଯାଜପୁର ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯଚିନ୍ଦ୍ର ପ୍ରସାଦ ନାୟକ, ସସ୍ମିତା ମହାନ୍ତି, ସରପଞ୍ଚ ଜୟନ୍ତୀ ସ୍ୱାଇଁ, ସମିତିସଭ୍ୟା ଗୀତାଞ୍ଜଳି ବେହେରା, ଆମ୍ବା ଅଧ୍ୟକ୍ଷ ନିରଞ୍ଜନ ସେନାପତି, ଧୀରେନ୍ଦ୍ର ନାଥ, ବିଜୟ କୁମାର ସ୍ୱାଇଁ ଓ ଦୀପକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ୍ ଶିକ୍ଷା କମିଟି ସଭାପତି ବାମଦେବ ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ବିଧାୟକ ମାନପତ୍ର ସହିତ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ।

## ସରପଞ୍ଚଙ୍କୁ ଜାତିଆଣ ଆକ୍ଷେପ ଅଭିଯୋଗ

**ରସୁଲପୁର,୧୮।୧(ଡି.ଏନ.ଏ.):**

କୁଆଖିଆ ଥାନା ମୁଗୁପାଳ ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥରୁ ନୋଟିସ ଚିରିବା, ମୁଗୁପାଳ ଛକରେ ଲାଗିଥିବା ସରପଞ୍ଚ ପ୍ରଜ୍ଞାପରମିତା ମଲିକଙ୍କ ବ୍ୟାନର ଚିରିବା, ସରପଞ୍ଚଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ସରପଞ୍ଚଙ୍କ ସ୍ୱାମୀ ଦୁଷ୍ମନ୍ତ ମଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ ଥାନାରେ ନଂ.୨୫/୨୩ରେ ଏସସି/ଏସଟି(ପିଓକେ) ଆକ୍ଟରେ ମାମଲା ରୁଜୁ କରାଯାଇଛି। ଡିଏସ୍‌ପି ଏନ. ବିଶ୍ୱାଳ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ସୋମବାର ରାତିରେ ସାରଙ୍ଗପୁର ଗ୍ରାମର ବବୁଲ ଓରଫ ମୃତ୍ୟୁଞ୍ଜୟ ସାହୁ ନାମକ ଯୁବକ ପଞ୍ଚାୟତ କାର୍ଯ୍ୟାଳୟ କାନ୍ଥରେ ଲାଗିଥିବା ସରକାରୀ ନୋଟିସ ଗୁଡ଼ିକୁ ଚିରାଚିରି କରିବା ସହ ଛକରେ ଲାଗିଥିବା ଶୁଭେଚ୍ଛା ବ୍ୟାନରକୁ ଚିରିଥିଲେ। ପଞ୍ଚାୟତ ପରିସରରେ ଚାଲିଥିବା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ କାଠ ଘୋଡ଼ିଆ, ଇଟା ଆଦିକୁ ଏଣେତେଣେ ଫୋପାଡିଥିଲେ। ତାଙ୍କ ସାଥିରେ ଆସିଥିବା ଅନ୍ୟକେତେଜଣ ଯୁବକଙ୍କ ସହ ମିଶି ଅଭିଯୁକ୍ତ ବବୁଲ ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କୁ ଜାତିଆଣ ଆକ୍ଷେପକରି ଗାଳିଗୁଲଜ କରିଥିଲେ। ଏହି ଘଟଣାର ପ୍ରତ୍ୟେକ୍ଷଦର୍ଶୀ ମୁଗୁପାଳ ଗ୍ରାମର ସତ୍ୟସୁନ୍ଦର ପଣ୍ଡା ରାତି ୯/୪୮ରେ ଫୋନ ଯୋଗେ ସରପଞ୍ଚଙ୍କ ସ୍ୱାମୀଙ୍କୁ ଅବଗତ କରାଇଥିଲେ।

ଘଟଣା ପରଦିନ ସରପଞ୍ଚଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଫଳରେ ବୁଧବାର ଅଭିଯୋଗକାରୀ ଥାନା ଅଧିକାରୀ ଶିବଚରଣ ବେହେରାଙ୍କୁ ଭେଟି ମାମଲା ସମ୍ପର୍କରେ ପଚାରିଥିଲେ। ଅଭିଯୋଗପତ୍ର ତାଙ୍କ ହସ୍ତଗତ ହୋଇ ନ ଥିବା କହିବା ସହ ପୁଣି ଥରେ ଲିଖିତ ଅଭିଯୋଗ କରିବାକୁ କହିଥିଲେ। ଥାନା ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ପୁଣି ଥରେ ଅଭିଯୋଗ କରିବାରୁ ଥାନାରେ ମାମଲା ରୁଜୁ ହୋଇଥିଲା ବୋଲି ଅଭିଯୋଗକାରୀ କହିଛନ୍ତି। ପୋଲିସ ପ୍ରତ୍ୟେକ୍ଷଦର୍ଶୀଙ୍କୁ ପଚରାଉଚରା କରିଛି।

## ଫତେପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ପ୍ରୀତିପୁର,୧୮।୧(ଡି.ଏନ.ଏ.):**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମଲିଆ ଯଜ୍ଞ ପଡ଼ିଆରେ ଗୁରୁବାର ଫତେପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପଣ୍ଡା(ଟଗଲା ) ଏବଂ ପ୍ରେମାନନ୍ଦ ସାହୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟ ୨୫ ତାରିଖ ଯାଏ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ସମୁଦାୟ ୮ କ୍ରିକେଟ ଟିମଖ ଭାଗନେବେ। ବିଜେତାଙ୍କୁ ୧୬୬୬୭ ଟଙ୍କା ଓ ରନର୍ସ ଟିମ୍‌କୁ ୯୯୯୯ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

## ଯାଜପୁର ଟେନିକଏଟ୍ ଦଳକୁ ସମ୍ବର୍ଦ୍ଧନା

**ଛତିଆ,୧୮।୧(ଡି.ଏନ.ଏ.):**

ଯାଜପୁର ଜିଲାର ବିଦ୍ୟାଳୟସ୍ତରୀୟ ଟେନିକଏଟ ଦଳ ବାଲେଶ୍ୱରଠାରେ ଅନୁଷ୍ଠିତ ଖେଳରେ ୧୭ ବର୍ଷରୁ କମ୍ ବାଳକ ଟିମ୍ ବାଲେଶ୍ୱରକୁ ହରାଇ ଚାମ୍ପିୟନ ହୋଇଥିବାବେଳେ ବାଳିକା ଟିମ୍ କଟକକୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ୧୪ ବର୍ଷରୁ କମ୍ ବାଳିକା ଟିମ୍ କଟକଠାରୁ ହାରି ଉପବିଜେତା ହୋଇ ଜିଲାର ଗୌରବ ବୃଦ୍ଧି କରିଛି। ଏହି ଅବସରରେ ବୁଧବାର ଯାଜପୁର ରେଳ ଷ୍ଟେଶନଠାରେ ଉକ୍ତ ଦଳକୁ ଜିଲା ଶାରୀରିକ ଶିକ୍ଷା ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଶମ୍ଭୁନାଥ ଦାଶ, ଜିଲା କ୍ରୀଡ଼ା ଅଧିକାରୀ ଫକୀରମୋହନ ଟୁଡୁ, କୋରେଇ ବ୍ଲକର ନୋଡାଲ ସେକ୍ରେଟାରି ସଞ୍ଜୟ କୁମାର ଦାସ, ତପସ୍ୱିନୀ ଦାଶ, ରମେଶ ଚନ୍ଦ୍ର ଦାଶ, ଅବିନାଶ ପାଣିଗ୍ରାହୀ, ଅଞ୍ଜଳି ମହାପାତ୍ର, ବିଦ୍ୟୁତ୍‌ଲତା ମହାନ୍ତି, ରଘୁନାଥ ଟୁଡୁ, ଗୌତମ ବିହାରୀ ସ୍ୱାଇଁ, ହରିହର ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ମିନତି ବେହେରାଙ୍କ ସମେତ ଅନ୍ୟ କ୍ରୀଡ଼ା ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ବିଜୟୀ ଟିମ୍ ଖେଳାଳି ଏବଂ ମ୍ୟାନେଜେରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।




ଯାଜପୁର ରେଳ ଷ୍ଟେଶନଠାରେ ଯାଜପୁର ଟେନିକଏଟ ଦଳକୁ ସମ୍ବର୍ଦ୍ଧିତ କରାଯାଉଛି।

## ସୁରକ୍ଷା ପାଇଁ ପ୍ରତ୍ୟେକେ ଅଙ୍ଗୀକାରବଦ୍ଧ ହେବା ଉଚିତ



ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

### ଜାତୀୟ ସଡ଼କ ସୁରକ୍ଷା ସପ୍ତାହ -୨୦୨୩ ଉଦ୍‌ଯାପିତ

**ଯାଜପୁର ଟାଉନ,୧୮।୧(ଡି.ଏନ.ଏ.):**

ଯାଜପୁର ଜିଲାରେ ଜାନୁୟାରୀ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଡ଼କ ସୁରକ୍ଷା ସମିତି ନିର୍ଦ୍ଦେଶ ଅନୁଯାୟୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଚଣ୍ଡିଖୋଲ ଓ ଯାଜପୁର ମିଳିତ ଆନୁକୂଲ୍ୟରେ ସପ୍ତାହବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ସଦର ମହକୁମାସ୍ଥ ଗୌତମବୁଦ୍ଧ ସଂସ୍କୃତି ଭବନ ସମ୍ମିଳନୀ କକ୍ଷଠାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦ୍ରୁତ ଗତି ମହା ବିପତି, ଧୀରେ ଟ୍ରାଫିକ ନିୟମ ମାନି ହେଲ୍‌ମେଟ୍ ପିନ୍ଧି ଯାନ ଚଳାଇବା ଦ୍ୱାରା ଜୀବନ ସୁରକ୍ଷିତ ରହିବା ସହ ସଡ଼କ ପଥ ମଧ୍ୟ ସୁଗମ ହୋଇଥାଏ। ଜୀବନ ନିଜ ପାଇଁ ଏବଂ ପରିବାର ପାଇଁ ଅମୂଲ୍ୟ ସମ୍ପଦ ହୋଇଥିବାରୁ ଏହାର ସୁରକ୍ଷା ନିମତି ପ୍ରତ୍ୟେକ ନାଗରିକ ଅଙ୍ଗୀକାରବଦ୍ଧ ହେବା ଉଚିତ ବୋଲି ଜିଲାପାଳ ରାଠୋର ପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ ପାଖାପାଖି ଶତକଡ଼ା ୬୦ ଭାଗ ଦୁର୍ଘଟଣା ଜାତୀୟ ଓ ରାଜ୍ୟ ରାଜପଥ ଏବଂ ଗ୍ରାମାଞ୍ଚଳରେ ଘଟୁଛି। ମଦ୍ୟପାନ କରି ଗାଡି ଚଳାଇବା, ମୋବାଇଲରେ କଥା ହୋଇ ଗାଡି ଚଳାଇବା ଦୁର୍ଘଟଣାର ମୁଖ୍ୟ କାରଣ। ଏଥି ନିମନ୍ତେ ନିଜେ ବଞ୍ଚିବା ଏବଂ ଅନ୍ୟକୁ ବଞ୍ଚାଇବା ନିମନ୍ତେ ସଚେତନତା ହିଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଡେପୁଟି କଲେକ୍ଟର ତିଲୋତମା ପୃଷ୍ଟି, ସଡକ ଓ ପରିବହନ ପୂର୍ବାଞ୍ଚଳ ଉପଆୟୁକ୍ତ ଆର୍.ଏନ୍. ସିର୍କା, ଉପଜିଲାପାଳ ଗୋପୀନାଥ କୁଅଁର, ଡେପୁଟି କଲେକ୍ଟର କାଜଲ ପ୍ରଧାନ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ମଞ୍ଚାସୀନ ଥିଲେ। ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନ ଏବଂ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ମଞ୍ଚ ପରିଚାଳନା କରିଥିଲେ। ସପ୍ତାହ ବ୍ୟାପି ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିବା ବ୍ୟକ୍ତି ବିଶେଷ, ଅନୁଷ୍ଠମାନଙ୍କୁ ଅତିଥି ଉତ୍ତରୀୟ ଓ ସାର୍ଟିଫିକେଟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଯାଜପୁର ଜିଲାର ବହୁ ବୁଦ୍ଧିଜିବୀ, ମୋଟରଯାନ ବିକ୍ରେତା ଅନୁଷ୍ଠାନ, ବିଭିନ୍ନ ସଡକ ସୁରକ୍ଷା ସଚେତନତା ସଂଘର ସଦସ୍ୟ, ପୋଲିସ ଅଧିକାରୀ, ଘରୋଇ ବସ୍ ଓ ଟ୍ରକ ମାଲିକ ସଂଘର ସଦସ୍ୟ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଗଣମାଧ୍ୟମ ପ୍ରତିନିଧିମାନ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ୧୪ ଆପରାଧିକ ମାମଲାର ଅଭିଯୁକ୍ତ ଗିରଫ

ବିରିଡି, ୧୮।୧(ଡି.ଏନ.ଏ): ୧୪ ଆପରାଧିକମାମଲାରେ ଜଡିତ ଥିବା ଅଭିଯୁକ୍ତଙ୍କୁ ଜଗତ୍‌ସିଂହପୁର ପୋଲିସ ହାତରେ ଧରପଡ଼ିଛନ୍ତି। ସେ ହେଲେ ଜଗତ୍‌ସିଂହପୁର ୨୨ ମୌଜା ଅଞ୍ଚଳର ପ୍ରଶାନ୍ତ ବେହେରା। ବୁଧବାର ପୋଲିସ ତାଙ୍କୁ ଗିରଫ କରି ଜେଲ ପଠାଇ ଦେଇଛି। ସେ ବହୁ ଦିନ ହେବ ପୋଲିସକୁ ଚକ୍‌ମା ଦେଇ ବୁଲୁଥିଲେ।

### ଚାଷୀଙ୍କ ଘରୁ ଟଙ୍କା, ସୁନା ଲୁଟ

ବିରିଡି,୧୮।୧(ଡି.ଏନ.ଏ): ବିରିଡି ଥାନା ବସନ୍ତପୁର ଗ୍ରାମର ଚାଷୀ ମୁରଲିଧର ନାୟକଙ୍କ ଘରେ ମଙ୍ଗଳବାର ରାତିରେ ୩ ଜଣ ଦୁର୍ବୃତ୍ତ ପଶି ୧୦ ହଜାର ଟଙ୍କା ସମେତ ସୁନା ଗହଣା ଲୁଟି ନେଇଛନ୍ତି। ଏନେଇ ବୁଧବାର ଥାନାରେ ଏତଲା ଦିଆଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଜଗତ୍‌ସିଂହପୁର ସଦର ମହକୁମାରୁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ନାୟକଙ୍କ ଅଭିଯୋଗ ଅନୁଯାୟୀ ୩ ଜଣ ଦୁର୍ବୃତ୍ତ ବିଳମ୍ବିତ ରାତିରେ ମୁଖା ପିନ୍ଧି ଘରର କବାଟ ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ସେମାନେ ଉଭୟ ଦମ୍ପତିଙ୍କୁ ମାଡ଼ ମାରିବା ସହ ଆଲମାରୀରୁ ଟଙ୍କା ଓ ସୁନା ଗହଣା ଆଦି ନେଇଯାଇଥିଲେ। ଅଭିଯୋଗ ଅନୁଯାୟୀ ଥାନାରେ ମାମଲା (ନଂ. ୧୨/୨୩) ରୁଜୁ ହୋଇଛି।

# ସାମୁଦ୍ରିକ ପ୍ରାଣୀଙ୍କ ଅମରାବତୀ ଭିତରକନିକା

କେନ୍ଦ୍ରାପଡ଼ା ଅଫିସ, ୧୮।୧

■ ଡଲ୍‌ଫିନ, କୁମ୍ଭୀର ସଂଖ୍ୟା ବଢ଼ିଲା, ତଟରେ କଇଁଛ
■ ବର୍ଦ୍ଧିତ ୯ ମଧ୍ୟରୁ ଧଳା କୁମ୍ଭୀର ସଂଖ୍ୟା ୨୦ ହେଲା
■ ତଟକ୍ଷୟ ସମସ୍ୟାରେ କଇଁଛଙ୍କ ଅଣ୍ଡାଦାନ



ପ୍ରକୃତିପ୍ରେମୀଙ୍କ ପାଇଁ ଜାତୀୟ ଉଦ୍ୟାନ ଭିତରକନିକା ଖୁସି ଖବର ଦେଇଛି। ଜୈବ ବିବିଧତାରେ ପରିପୂର୍ଣ୍ଣ ଏହି ଅଞ୍ଚଳ ସାମୁଦ୍ରିକ ଜୀବଙ୍କ ପାଇଁ ଅମରାବତୀ ପାଲଟିଛି। ଓଡ଼ିଶାର ସାତପଡ଼ା, ଚିଲିକାକୁ ପଛରେ ପକାଇ ସର୍ବାଧିକ ଡଲ୍‌ଫିନ ଏହି ସାମୁଦ୍ରିକ ଅଞ୍ଚଳରେ ଦେଖାଦେଇଛନ୍ତି। ସେହିପରି ଲୁଣା କୁମ୍ଭୀର ବଂଶ ବିସ୍ତାର ଆଶାନୁରୂପକ ହୋଇଛି। ଗତବର୍ଷ ଭିତରକନିକା ଅଞ୍ଚଳରେ ୧୬ ଧଳା କୁମ୍ଭୀର ଥିବା ବେଳେ ଚଳିତ ଗଣନା ସମୟରେ ଅଧିକ ୪ଟି ଅର୍ଥାତ୍ ୨୦ ସଂଖ୍ୟାରେ ପହଞ୍ଚିଥିବା ବନ ବିଭାଗ ସୂଚନା ଦେଇଛି। ଅପରପକ୍ଷରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ତଟାଞ୍ଚଳରେ ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେ କଇଁଛଙ୍କ ଭିଡ଼ ଲାଗିଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ୫ ଲକ୍ଷରୁ ଅଧିକ କଇଁଛ ଅଣ୍ଡାଦାନ କରିବେ ବୋଲି ଆଶା ରହିଛି। ତେବେ ତଟକ୍ଷୟ କଇଁଛ ପ୍ରଜନନ ସ୍ଥଳକୁ ନଷ୍ଟ କରି ଚାଲିଛି।

୨୦୨୨ ଡିସେମ୍ବର ୨୧ରୁ ଭିତରକନିକାର ନଦୀ ଓ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ଡଲ୍‌ଫିନ ଗଣନା ବନ ବିଭାଗ ପକ୍ଷରୁ ହୋଇଥିଲା। ଏହି ରିପୋର୍ଟ ଗତ ୫ ତାରିଖରେ ପ୍ରକାଶ ପାଇଛି। ସାରା ରାଜ୍ୟରେ ମୋଟ ୭୩୩ଟି ଡଲ୍‌ଫିନ ଥିବା ଗଣନା ସମୟରେ ଜଣାପଡ଼ିଥିବା ବେଳେ ସେଥି ମଧ୍ୟରୁ ଗହୀରମଥା ଓ ଭିତରକନିକାରେ ଏହି ସାମୁଦ୍ରିକ ଜୀବର ବଂଶ ଦ୍ରୁତଗତିରେ ବୃଦ୍ଧି ପାଇଥିବା ରିପୋର୍ଟ ହୋଇଛି। ଏଠାରେ ମୋଟ ୫୫୦ ଛୋଟବଡ଼ ଡଲ୍‌ଫିନ ଅଛନ୍ତି। ଗହୀରମଥାରେ ହମ୍ପବ୍ୟାକର ସଉସା ପ୍ଲମ୍ବିଆ ପ୍ରଜାତିର ୨୦୮, ହମ୍ପବ୍ୟାକର ସଉସା ଚାଇନିଜ ପ୍ରଜାତିର ୨୮୧, ବଟଲନୋଜ୍ ପ୍ରଜାତିର ୫୨, ସ୍ପିନର ପ୍ରଜାତିର ୩ ଡଲ୍‌ଫିନ ଗଣନା ସମୟରେ ଦେଖିବାକୁ ମିଳିଛି। ଏଥିସହ କନିକା ରେଞ୍ଜର ଖୋଲାରୁ କଣ୍ଟିଆଖାଇ ମଧ୍ୟରେ ୪ ଇରାୱାଡି ପ୍ରଜାତିର ଡଲ୍‌ଫିନ ଦେଖିବାକୁ ମିଳିଥିବା ବେଳେ ରାଜନଗର ରେଞ୍ଜରେ ୨ ଡଲ୍‌ଫିନ ଅଛନ୍ତି। ଗତବର୍ଷଠାରୁ ଏଠାରେ ଅଧିକ ୧୦ ଡଲ୍‌ଫିନ ଦେଖାଦେଇଛନ୍ତି। ଅପରପକ୍ଷରେ ଚିଲିକା, ସାତପଡ଼ା ଆଦି ଅଞ୍ଚଳରେ ଡଲ୍‌ଫିନଙ୍କ ସଂଖ୍ୟା କମିଛି। ଭିତରକନିକା ବଉଳା କୁମ୍ଭୀର ପାଇଁ ବିଶ୍ୱ ବିଖ୍ୟାତ। ଚଳିତ ବର୍ଷ ଗଣନା ସମୟରେ ୧୭୯୩ଟି କୁମ୍ଭୀର ଏଠାରେ ଥିବା ରିପୋର୍ଟ ମିଳିଛି। ତେବେ ଖୁସିର ବିଷୟ ଯେ, ଧଳା କୁମ୍ଭୀର ସଂଖ୍ୟା ଚଳିତ ବର୍ଷ ୪ଟି ଅଧିକ ରହି ୨୦ରେ ପହଞ୍ଚିଛି।

୧୯୭୫ ମସିହାରେ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟରେ ସଂରକ୍ଷଣ ଯୋଜନା ଆରମ୍ଭ ହୋଇଥିଲା। ଏହା ପରଠାରୁ ଲୁଣା କୁମ୍ଭୀରଙ୍କ ସଂଖ୍ୟା ବଢ଼ିଚାଲିଛି। ୪୮ ବର୍ଷୀୟ ଧଳା କୁମ୍ଭୀର ଗୋରୀ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଛି। ଏହା ବ୍ୟତୀତ ଶ୍ୱେତା, ମଲ୍ଲି ମଧ୍ୟ ଆବଦ୍ଧ ପୋଖରୀରେ ରହି ମନୋରଞ୍ଜନର ଖୋରାକ ଯୋଗାଉଛନ୍ତି। ସେହିପରି ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେଙ୍କ ସମାଗମ ହୋଇଛି। ଗଭୀର ସମୁଦ୍ରରେ ଏବେ ଥିବା ବେଳେ ଗତ ୨ଦିନ ପୂର୍ବେ ୨୦ଟି କଇଁଛ ଅଣ୍ଡାଦାନ କରିଛନ୍ତି। ଆସନ୍ତା ୨୫ରୁ ମାର୍ଚ୍ଚ ମଧ୍ୟରେ ସାମୂହିକ ଅଣ୍ଡାଦାନ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। କଇଁଛଙ୍କ ପ୍ରଜନନ ପାଇଁ ୨୦୨୨ ନଭେମ୍ବରରୁ ୨୦୨୩ ମେ ପର୍ଯ୍ୟନ୍ତ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ପାଇଁ ସାମୁଦ୍ରିକ ଅଞ୍ଚଳକୁ କଟକଣା ରଖାଯାଇଛି। ତେବେ ତଟକ୍ଷୟ ପାଇଁ ପ୍ରଜନନ ସ୍ଥଳ ପ୍ରତିବର୍ଷ କମୁଥିବାରୁ ପରିବେଶବିତ ହେମନ୍ତ କୁମାର ରାଉତ, ବିରଜା ପ୍ରସାଦ ପତି, ରାଜେଶ କୁମାର ବେହେରା ପ୍ରମୁଖ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମାଦଳି, ନାସୀ, ସାତଭାୟା, ହାବେଳିଖଟି, ବାବୁବାଲି ଆଦି ସ୍ଥାନଗୁଡ଼ିକ ତଟକ୍ଷୟର ସମ୍ମୁଖୀନ ହୋଇଛି। ସେହିପରି ଅଗରନାସୀ ଦ୍ୱୀପ ଇତିମଧ୍ୟରେ ସମୁଦ୍ର ଗର୍ଭରେ ଲୀନ ହୋଇଛି। କଟକଣା ସତ୍ତ୍ୱେ ଚିଙ୍ଗୁଡ଼ି ଘେରିର ବୃଦ୍ଧି ଓ ବୋଟ୍, ଟ୍ରଲର ଚଳାଚଳ ଆଦି ବିପଦ ରହିଛି। ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କୁ ପଚାରିବାରେ ସାମୁଦ୍ରିକ ପ୍ରାଣୀଙ୍କ ସଂଖ୍ୟା ବୃଦ୍ଧିର କାରଣ ଏଠାରେ ଉପଯୁକ୍ତ ମାତ୍ରାରେ ଖାଦ୍ୟ ଅଛି। କଇଁଛ ସୁରକ୍ଷା ପାଇଁ ବନ ବିଭାଗ ସଜାଗ ଥିବା ସେ କହିଛନ୍ତି।

## ଗାଡ଼ି ଧକ୍କାରେ ପୋଲିସ କନଷ୍ଟେବଲ ମୃତ

ରଘୁନାଥପୁର/ବିରିଡ଼ି, ୧୮।୧(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ କଟକ ପାରାଦୀପ ରାସ୍ତାର ଜଇପୁର ନିକଟରେ ମଙ୍ଗଳବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିରିଡ଼ି ଥାନା ପାଇକରାବାଟି ଗ୍ରାମର ସୁଶାନ୍ତ କୁମାର ମହାନ୍ତି(୫୫)। ସେ ଜଗତ୍‌ସିଂହପୁର କନଷ୍ଟେବଲ ଭାବେ କାର୍ଯ୍ୟରତ ଥିଲେ। ସେ ସରକାରୀ କାର୍ଯ୍ୟରେ ଭୁବନେଶ୍ୱର ଯାଇ ସ୍କୁଟିରେ ଫେରୁଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କାଦେଇ ଚାଲିଯାଇଥିଲା। ଖବରପାଇ ତିର୍ତ୍ତୋଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁଶାନ୍ତଙ୍କୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଜଗତ୍‌ସିଂହପୁର ରିଜର୍ଭ ପୋଲିସ ଅଫିସର କର୍ମଚାରୀମାନେ ମହାନ୍ତିଙ୍କ ମୃତଦେହ ଶ୍ମଶାନକୁ ନେଇଥିଲେ। ଏଥିସହ ବିରିଡି ଥାନା ଆଇଆଇସି ନିରଞ୍ଜନ ମଲିକ ସେଠାରେ ପହଞ୍ଚି ମରଶରୀରକୁ ତୋପ ସଲାମି ଦେଇଛନ୍ତି। ଏହାପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ହନୁମାନ ମନ୍ଦିର ପାଇଁ ଭୂମିପୂଜନ

ରାଜନଗର,୧୮।୧(ଡି.ଏନ.ଏ.)

ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଧାନଦିଆ ଗ୍ରାମରେ ଧବଳେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ନୂତନ ହନୁମାନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ କରାଯାଇଛି। ପଣ୍ଡିତ ରାମଚନ୍ଦ୍ର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଭୂମିପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଆସନ୍ତା ମହାବିଷୁବ ସଂକ୍ରାନ୍ତି ପୂର୍ବରୁ ମନ୍ଦିର ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ଧବଳେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ବସନ୍ତ କୁମାର ପରିଡ଼ା, ସୁବାସ ଚନ୍ଦ୍ର ଦାସ, ଫକୀର ମୋହନ ପରିଡ଼ା, କିଶୋର ପାତ୍ର, କୈଳାସ ପରିଡ଼ା, ଅଭିରାମ ପରିଡ଼ା, ଦୁଃଶାସନ ରାଉତ, ଅନନ୍ତ ପରିଡ଼ା, ରତ୍ନାକର ସାମଲ, ସୂର୍ଯ୍ୟମଣି ବରାଳ, ଚନ୍ଦ୍ରଧର ପ୍ରଧାନ, ଅକ୍ଷୟ ରାଉତ, ଅଭିମନ୍ୟୁ ପ୍ରଧାନ, ରବିନ୍ଦ୍ର ପ୍ରଧାନ, ରାଜକିଶୋର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



ଭୂମିପୂଜନ ଉତ୍ସବରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

## ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଆଳି,୧୮।୧(ଡି.ଏନ.ଏ.)

ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟ ଆରମ୍ଭ ହେବା ଦିନ ଠାରୁ ଅନେକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଥିଲା। ଆଜି ପର୍ଯ୍ୟନ୍ତ ସେହି ଧାରା ଜାରି ରହିଛି ବୋଲି ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ବୁଧବାର ସନ୍ଧ୍ୟାରେ ଉକ୍ତ ସ୍କୁଲ ଓ ଆଳି ଆଦର୍ଶ ବିଦ୍ୟାଳୟର ମିଳିତ ଉଦ୍ୟମରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ଶିକ୍ଷାମଣ୍ଡଳ ଅଧିକାରୀ ଏମ୍.ଡି. ହୁମାୟୁନ୍ ଯୋଗଦେଇ କହିଲେ, ଏ ବିଦ୍ୟାଳୟର ଗରିମା ସମସ୍ତଙ୍କୁ ଜଣା। କେବଳ ଆଳି ନୁହେଁ ସାରା କେନ୍ଦ୍ରାପଡ଼ା ଜିଲାରେ ଏ ବିଦ୍ୟାଳୟ ତା'ର ଗରିମା ବଜାୟ ରଖିଛି। ମୁଖ୍ୟବକ୍ତା ଭାବେ ଗାଳ୍ପିକ ବନମାଳୀ ସେନାପତି ଯୋଗଦେଇ ଗପ ମାଧ୍ୟମରେ ପିଲାମାନଙ୍କୁ ଅନେକ ଶିକ୍ଷା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଳି ବିଆର୍‌ସିସି ଉଦୟ ନାଥ ସାମଲ, ଶିକ୍ଷାବିତ୍ ଶରତ କୁମାର ରାୟ, ଗଣେଶ୍ୱର ପାତ୍ର, ଶରତ କୁମାର ଦେବ କ୍ଲଷ୍ଟର ସିଆର୍‌ସିସି ହଳଧର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟାନନ୍ଦ ରାଉତ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ୨ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଶତାଧିକ ଛାତ୍ରୀଛାତ୍ରଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରାକ୍ତନ ଛାତ୍ର କଣ୍ଠଶିଳ୍ପୀ ସଚିନ ରାଉତ ତାଙ୍କର ସଂଗୀତ ମାଧ୍ୟମରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଦଶରଥ ମଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରକାଶ କୁମାର ନାୟକ, ଖେଳ ଶିକ୍ଷକ ରିତେଶ ବେହେରା, ରୋଜାଲିନ ସାମନ୍ତରାୟ ଓ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ସଭା ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପକ୍ଷରୁ କଣ୍ଠଶିଳ୍ପୀ ସଚିନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ ।

## ଉପକୂଳରେ ବିଦେଶୀ ପ୍ୟାସନ୍ କ୍ରିଷ୍ଣା ଫଳ ଚାଷ

ମହାକାଳପଡ଼ା,୧୮।୧(ଡି.ଏନ୍.ଏ.)

**ପ୍ରଚୁର ପରିମାଣରେ ଏଥିରେ ଭିଟାମିନ୍ ରହିଛି**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଖରିନାସୀ ଅଞ୍ଚଳରେ ବିଦେଶୀ ପ୍ୟାସନ୍ ଫଳ ବା ଭାରତୀୟମାନେ କହୁଥିବା କ୍ରିଷ୍ଣା ଫଳ ଚାଷ ହେଉଛି। ଏହା ଶରୀର ପାଇଁ ଖୁବ୍ ଉପକାରୀ। ଏହି ଫଳକୁ ଜୁସ୍ କରି ପାନୀୟ ରୂପେ ବ୍ୟବହାର କରାଯାଏ। ତେବେ ଖରିନାସୀ ଅଞ୍ଚଳର ଚାଷୀ କଲ୍ୟାଣ ରାୟ କୋଲକାତା ଅଞ୍ଚଳର ବନ୍ଧୁଙ୍କଠାରୁ ଚାରା ମଗାଇ ବାଡ଼ିରେ ଏହି ଫଳ ଚାଷ କରିଥିଲେ। ଏହି ଗଛ ଲତା ଜାତୀୟ। ସାଧାରଣତଃ ଏହି ଫଳ ଶୀତଦିନଠାରୁ ଖରାଦିନ ପର୍ଯ୍ୟନ୍ତ ଫଳିଥାଏ। ଫଳଗୁଡ଼ିକ ଭାରି ବାସ୍ନା ଓ ସୁଆଦିଆ। ଏହାକୁ ପାନୀୟ ଜଳରେ ଚିନି ଓ ଲୁଣ ମିଶ୍ରଣ କରି ପିଇଥାନ୍ତି। ଏହି ଫଳ ମୂଳତ ଦକ୍ଷିଣ ଆମେରିକା, ଦକ୍ଷିଣ ବ୍ରାଜିଲ, ପାରାଗୁଆ ଓ ଆର୍ଜେଣ୍ଟିନା ଆଦି ଦେଶ ସହ ଭାରତର ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, କଶ୍ମୀର, କେରଳ ସମେତ ବିଭିନ୍ନ ଥଣ୍ଡା ଜଳବାୟୁରେ ଫଳିଥାଏ। ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହା ଚାଷ ହେଉଥିବା ଜଣାପଡ଼ିଛି। ଭାରତର ଦିଲ୍ଲୀ, ବାଙ୍ଗାଲୋର, କୋଲକାତା, ହାଇଦ୍ରାବାଦ, ମୁମ୍ବାଇ ଆଦି ସମେତ ବଡ଼ ବଡ଼ ସୁପର ମାର୍କେଟ ତଥା ମଲ୍‌ଗୁଡ଼ିକରେ ବିକ୍ରିହେବା ସହ ଅନ୍‌ଲାଇନରେ ମଧ୍ୟ ବିକ୍ରି ହେଉଛି। ଏହାକୁ ସେବନ କଲେ ଶରୀରରେ ପ୍ରଚୁର ପରିମାଣରେ ଭିଟାମିନ ଅଭାବ ପୂରଣ କରିଥାଏ। ଯଥା ଚର୍ମରୋଗ, କେଶ ଝଡ଼ିବା, ଡାଇବେଟିସ, ଚର୍ବି କମାଇବା ଆଦି ସମସ୍ୟା ଦୂର କରାଏ ବୋଲି କୁହାଯାଇଛି। ଅପରପକ୍ଷରେ ଏହି ବିଦେଶୀ ଫଳ ଚାଷକରି ଖରନାସୀ ଗାଁର କଲ୍ୟାଣ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଏହି ଫଳକୁ ନେବା ପାଇଁ କଲ୍ୟାଣଙ୍କ ବାଡ଼ିରେ ବିଭିନ୍ନ ରୋଗୀ ପହଞ୍ଚୁଛନ୍ତି। ଏହି ଚାଷ ଜୈବିକ ପଦ୍ଧତିରେ ଯତ୍ନର ସହ ଚାଷ କରୁଥିବା ସେ କହିଛନ୍ତି। ଏହା ୨ କିସମ ଯଥା କମଳା ଓ ସବୁଜ ରଙ୍ଗର ରହିଛି ବୋଲି ଚାଷୀ ରାୟ କହିଛନ୍ତି।



ଖରିନାସୀ ଗ୍ରାମର ଚାଷୀ କଲ୍ୟାଣଙ୍କ ବାଡ଼ିରେ ବିଦେଶୀ ଫଳ।

## ମହାବୀର ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ୍
# ସେମିଫାଇନାଲରେ କେନ୍ଦ୍ରାପଡ଼ା ଟିମ୍

ରାଜନଗର,୧୮।୧(ଡି.ଏନ.ଏ.)

ସ୍ଥାନୀୟ ମଦନପୁର ଯଜ୍ଞ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ମଦନପୁର ମହାବୀର ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପୁରୀର ମା' ଚର୍ଚ୍ଚିକା କ୍ରିକେଟ କ୍ଲବକୁ ହରାଇ କେନ୍ଦ୍ରାପଡ଼ାର ବାଲାବାବା କ୍ରିକେଟ କ୍ଲବ ସେମି ଫାଇନାଲରେ ପ୍ରବେଶ କରିଛି। କେନ୍ଦ୍ରାପଡ଼ା ଟିମ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପୁରୀ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୯.୨ ଓଭରରେ ୯ ଉଇକେଟ ହରାଇ ୧୫୭ ରନ କରିଥିଲା। ଦଳର ସିଦ୍ଧାର୍ଥ ନନ୍ଦ ୩୩ ବଲରୁ ୪ଟି ଛକା ଓ ୭ଟି ଚୌକା ସହାୟତାରେ ୮୧ରନ ଓ ଜୀବନ ଜ୍ୟୋତି ଜେନା ୨୧ ବଲରୁ ୩ଟି ଛକା ଓ ୨ଟି ଚୌକା ସହାୟତାରେ ୩୬ ରନ କରିଥିଲେ। କେନ୍ଦ୍ରାପଡ଼ାର ବିଜୟ ଦାସ ୪ ଓଭରରେ ୧୪ ରନ ଦେଇ ୪ ଉଇକେଟ ଓ ମୃତ୍ୟୁଞ୍ଜୟ ନାୟକ ୩.୨ ଓଭର ବୋଲିଂ କରି ୧୫ ରନ ଦେଇ ୨ଟି ଉଇକେଟ୍ ହାସଲ କରିଥିଲେ। ୧୫୮ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା କେନ୍ଦ୍ରାପଡ଼ା ୧୬.୫ ଓଭରରେ ୫ ଉଇକେଟ ହରାଇ ୧୫୯ ରନ କରି ବିଜୟ ଲାଭ କରିଥିଲା। ଦଳର ସୁଧାଂଶୁ ପତି ୪୨ ବଲରୁ ୬ ଛକା ଓ ୬ଟି ଚୌକା ସହାୟତାରେ ୬୪ ରନ, ଚିତ୍ତରଞ୍ଜନ ପରିଡ଼ା ୨୦ ବଲରେ ୫ ଛକା ଓ ୫ ଚୌକା ସହାୟତାରେ ୫୪ ରନ କରିଥିଲେ। ପୁରୀର ଜୀବନ ଜ୍ୟୋତି ଜେନା ୪ ଓଭର ବୋଲିଂ କରି ୩୩ ରନ ଦେଇଥିଲେ। କେନ୍ଦ୍ରାପଡ଼ାର ସୁଧାଂଶୁ ପତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତ୍ୟୁଷ ପ୍ରଧାନ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ନିରଞ୍ଜନ ଦାସ, ବଂଶୀଧର ସ୍ୱାଇଁ, ଅଞ୍ଜନ ବେହୁରା ଅମ୍ପାୟାର ଭୂମିକା ତୁଲାଇ ଥିବା ବେଳେ ମହାବୀର ୟୁଥ୍ କ୍ଲବର ସଭାପତି ଆଶିଷ ରାଉଳ, ଉପସଭାପତି ଶଶଧର ପ୍ରଧାନ ଏବଂ ସଚ୍ଚିଦାନନ୍ଦ ପାତ୍ର, କାଶିନାଥ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ସାମାଜିକ କର୍ମୀ ବାସୁଦେବ ମିଶ୍ରଙ୍କ ସ୍ମୃତିସଭା

ରାଜନଗର,୧୮।୧(ଡି.ଏନ.ଏ.)

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଯଦୁଚନ୍ଦ୍ରପୁରସ୍ଥିତ ବାସଭବନରେ ଦିବଂଗତ ସାମାଜିକ କର୍ମୀ ବାସୁଦେବ ମିଶ୍ରଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସନ୍ତୋଷ କୁମାର ଶତପଥିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଅଲେଖ କୁମାର ଜେନା, କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ବହୁବିଧ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା, ନିରଞ୍ଜନ ରାଉତ, ଶିକ୍ଷକନେତା ବିଜୟ ଜେନା, କ୍ଷୀରୋଦ ମଲିକ, ରଙ୍ଗାଧର ଜେନା, ବିରଞ୍ଚି ଜେନା, ବିରଞ୍ଚି ବେହେରା, ପରମେଶ୍ୱର ନାଏକ, ସମୀରଣ ମଣ୍ଡଳ, ଅଧ୍ୟାପକ ଧରଣୀଧର ରାଉତ, ସତ୍ୟବାଦୀ ଜେନା, ମନୋରଞ୍ଜନ ଆଚାର୍ଯ୍ୟ, ଭଗବତୀ ରାଉତ, ସୁବ୍ରତ ବରାଳ, ଡ. ଅଭୟ ପାଣ୍ଡବ, ସାମାଜିକ କର୍ମୀ କୃପାସିନ୍ଧୁ ସାମଲ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବସନ୍ତ ମିଶ୍ର, ସମୀର ମିଶ୍ର, ହେମନ୍ତ ମିଶ୍ର, ବିଶ୍ୱଜିତ ପାଣି, ମାନସ ମିଶ୍ର, ସତ୍ୟଜିତ ପାଣି ପ୍ରମୁଖଙ୍କ ସମେତ ପରିବାର ସଦସ୍ୟମାନେ ପରିଚାଳନା କରିଥିଲେ।



ସ୍ମୃତି ସଭାରେ ଯୋଗଦେଇଥିବା ଅତିଥି।

# ୬ ଦିନ ପରେ ବି ତହସିଲଦାର ଏତଲା ଦେଲେ ନାହିଁ

ପଟ୍ଟାମୁଣ୍ଡାଇ, ୧୮।୧(ସ୍ୱ.ପ୍ର.)

■ କ୍ରିଟିକାଲ କେୟାର ହସ୍ପିଟାଲ ନିର୍ମାଣ ଆଳରେ ବାଲି ଚୋରି
■ ଏନ୍‌ଜିଟି ନିର୍ଦ୍ଦେଶକୁ ଅଣଦେଖା

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ନିକଟ କଷଣଅଣ୍ଟା ବ୍ରାହ୍ମଣୀ ନଦୀପଠା ପତ୍ରପୁର ସେତୁର ପ୍ରାୟ ୫୦୦ ମିଟର ଦୂରରୁ ୧୧ ଦିନ ହେବ ରାତିଦିନ ହଜାରରୁ ଊର୍ଦ୍ଧ୍ୱ ଟ୍ରିପ ବେଆଇନ ବାଲି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ବାରଣ ସତ୍ତ୍ୱେ ନଦୀରୁ ବାଲି ଉଠାଯାଉଥିବାରୁ ସେତୁ ପ୍ରତି ବିପଦ ସୃଷ୍ଟି ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଉଠାଯାଇଥିବା ବାଲିର ଆନୁମାନିକ ମୂଲ୍ୟ ୨ରୁ ଅଢ଼େଇ କୋଟି ଟଙ୍କା ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ଯେଉଁ ସ୍ଥାନରୁ ବାଲି ଉତ୍ତୋଳନ ହେଉଛି, ସେଠାରେ ଏକ ବିରାଟ ଗର୍ତ୍ତ ହୋଇଥିବା ଦେଖିବାକୁ ମିଳୁଛି। ଏହି ବାଲିକୁ ନିଆଯାଇ କ୍ରିଟିକାଲ କେୟାର ହସ୍ପିଟାଲର ନିର୍ମାଣ କାର୍ଯ୍ୟରେ ଲଗାଯାଉଛି। ଏଭଳି ଘଟଣାକୁ ୫ ଦିନ ବିତି ସାରିଥିଲେ ହେଁ ଏଯାଏ ତହସିଲଦାର ଥାନାରେ ଏତଲା ଦେବାକୁ ପଛଘୁଞ୍ଚା ଦେଉଛନ୍ତି। ବାଲି ଚୋରା ଚାଲାଣକୁ ନେଇ ସ୍ଥାନୀୟ ଗ୍ରାମବାସୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ ବାରମ୍ବାର ତହସିଲଦାରଙ୍କୁ ଅଭିଯୋଗ କରିଆସୁଛନ୍ତି। ଗଣମାଧ୍ୟମରେ ଖବର ପ୍ରସାରଣ ପରେ ବେଆଇନ ଭାବେ ବାଲି ଚୋରା ଚାଲାଣ ସ୍ଥଳକୁ ପରିଦର୍ଶନ କରି ତହସିଲଦାର ଫେରିଛନ୍ତି। ତେବେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି।

ଅନ୍ୟପକ୍ଷରେ ଗତ ୭ ତାରିଖରେ ବ୍ରାହ୍ମଣୀ ନଦୀପଠାରୁ ବାଲି ଚୋରି ଘଟଣା ସାମ୍ନାକୁ ଆସିଥିଲା। ବାଲି ଚୋରାଚାଲାଣ ବାବଦରେ ଗଣମାଧ୍ୟମ ପ୍ରତିନିଧିମାନେ ଏଡିଏମ୍ ଦୁର୍ଗା ପ୍ରସାଦ ମହାରଣାଙ୍କୁ ଜଣାଇବା ପରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ଆଶଙ୍କାରେ ତହସିଲଦାର ଓ ଅନ୍ୟ କର୍ମଚାରୀ ନଦୀଘାଟକୁ ଯାଇ ସମସ୍ତ ଫଟୋଗ୍ରାଫି କରିଥିଲେ। ଏପରି କି ବାଲି ନେଉଥିବା ଠିକାଦାର ଜଣଙ୍କ କ୍ରିଟିକାଲ କେୟାର ହସ୍ପିଟାଲର ନିର୍ମାଣ ଜାଗାର ଚାରି ପଟେ ଓ ଅନ୍ୟ ଏକ ନିଛାଟିଆ ଜାଗାରେ ବାଲି ଗଦା କରିଛନ୍ତି। ଏକାଧିକ ଟ୍ରାକ୍ଟର ଓ ଟ୍ରକ୍ ବାଲିର ଫଟୋ ଉଠାଯାଇଥିଲା। କେବଳ ଏତିକି ନୁହେଁ, ବାଲି ଉଠାଉଥିବା ଠିକାଦାରଙ୍କ ନାମ ତହସିଲଦାରଙ୍କୁ ଲିଖିତ ଭାବେ ଦିଆଯାଇଥିଲା। ରିପୋର୍ଟ ପ୍ରଦାନ ସତ୍ତ୍ୱେ ତହସିଲଦାର ୫ ଦିନ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଅନ୍ୟପକ୍ଷରେ ତହସିଲଦାର ଏଯାଏ ଥାନାରେ କୌଣସି ଏତଲା ଦାଏର କରି ନ ଥିବାରୁ ବେଆଇନ ବାଲି ଚୋରି କରୁଥିବା ଠିକାଦାରଙ୍କଠୁ ଜରିମାନା ଆଦାୟ କରିନାହାନ୍ତି। ଏ ନେଇ ଜିଲା ପ୍ରଶାସନ ହସ୍ତକ୍ଷେପ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଆଇନ ଅନୁଯାୟୀ, କୌଣସି ସେତୁଠାରୁ ୨ କିଲୋମିଟର ଦୂରତ୍ୱରେ ବାଲି ଉତ୍ତୋଳନ ହୋଇପାରିବ ନାହିଁ। ଏଭଳି ପରିସ୍ଥିତିରେ ବ୍ରାହ୍ମଣୀ ନଦୀର ପୁରୁଣା ସେତୁ ପାଖରୁ ବାଲି ଉତ୍ତୋଳନ ପାଇଁ ହାଇକୋର୍ଟ ରୋକ ଲଗାଇଥିବା ବେଳେ ମାମଲା ବିଚାରାଧୀନ ରହିଛି। ଏ ସବୁକୁ ବେଖାତିର କରାଯାଇ ନଦୀରୁ ବାଲି ଚାଲାଣ କରାଯାଉଛି। ୨୦୧୯ ପରିବେଶ କ୍ଲିୟରାନ୍ସ ପ୍ରମାଣ ପତ୍ର ନ ଥାଇ ବ୍ରାହ୍ମଣୀ ନଦୀଶଯ୍ୟା, ପଠାରୁ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ବାଲି ଓ ମାଟି ଉଠାଣ ହେଉଥିଲା। ଏହି ବାଲି ଉତ୍ତୋଳନ ସମ୍ପର୍କରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କ ନିକଟରେ ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ। ଏପରି ଘଟଣାରେ ଏନ୍‌ଜିଟି ତୁରନ୍ତ ବେଆଇନ ବାଲି ଉତ୍ତୋଳନ ବନ୍ଦ କରିବାକୁ ଜିଲା ମାଜିଷ୍ଟ୍ରେଟ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେତେ ପରିମାଣର ବେଆଇନ ବାଲି ଓ ମାଟି ଖନନ କରାଯାଇଛି ତାହାର ଆକଳନ କରାଯାଇ ସମ୍ପୃକ୍ତ ଏଜେନ୍ସିଙ୍କଠାରୁ କ୍ଷତିପୂରଣ ଆକାରରେ ଫାଇନ ଆଦାୟ କରିବାକୁ କୁହାଯାଇଥିଲା। ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ଜିଲା ମାଜିଷ୍ଟ୍ରେଟ ଓ ଜିଲା ମାଇନିଂ ଅଫିସର ତୁରନ୍ତ ରାଜ୍ୟ ଓ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ସହାୟତା ନେବାକୁ ଏନ୍‌ଜିଟି କହିଥିଲେ। ଏହାଛଡା କେନ୍ଦ୍ରାପଡ଼ା ଜିଲା ମାଜିଷ୍ଟ୍ରେଟ ଓ ଏସ୍‌ପିଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଜିଟି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ମାତ୍ର ଏନ୍‌ଜିଟି ମାଟିବାଲି ଖୋଳିବା ଉପରେ କଟକଣା ଜାରି କରିଥିଲେ ମଧ୍ୟ କ୍ରିଟିକାଲ କେୟାର ହସ୍ପିଟାଲର ନିର୍ମାଣ ଆଳରେ ଆଦେଶକୁ ବେଖାତିର କରି ଏହା ଚାଲାଣ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରୁ କାର୍ଯ୍ୟାଳୟର ବିଭିନ୍ନ କାମରେ ବ୍ୟସ୍ତ ରହି ଯାଇଥିଲି। ଠିକଦାରଙ୍କ ବିରୋଧରେ ଏତଲା କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବାଳିକା ଆତ୍ମରକ୍ଷା ତାଲିମ

**ଭାପୁର,୧୮।୧(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଯୋଜନା କ୍ରମେ ନୋଡାଲ କେନ୍ଦ୍ର ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ,ଇଟାମାଟିର ସହଯୋଗରେ ଭାପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଛାତ୍ରୀମାନଙ୍କ ନିମନ୍ତେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦଯାପିତ ହୋଇଯାଇଛି । କଲେଜର ଅଧକ୍ଷ ଗଗନ ବିହାରୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଅଧାପକ ଦେବେନ୍ଦ୍ର କୁମାର ରାଉତ ଓ ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇଥିଲେ। ବୈଷୟିକ ଅଧାପିକା ଜ୍ୟୋସ୍ନାମଞ୍ଜରୀ ବାରିକ ଆତ୍ମସୁରକ୍ଷାର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ପ୍ରଶିକ୍ଷିକା ଭାବେ ଜ୍ୟୋର୍ତିମୟ ଜେନା ଆତ୍ମରକ୍ଷା କୌଶଳ ତାଲିମ ଦେଇଥିଲେ। ଏହି ଶିବିର ସାତଦିନ ଧରି ଚାଲିଥିଲା । ଅଧାପକ ପଦ୍ମଚରଣ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ ।

### ତ୍ରିନାଥଦେବଙ୍କ ବାର୍ଷିକ ଉତ୍ସବ

**ଖଣ୍ଡପଡ଼ା,୧୮।୧(ସ୍ୱ.ପ୍ର.):** ଖଣ୍ଡପଡ଼ାର ଥାନା ଅଧୀନ କଣ୍ଟିଲୋ ଫାଣ୍ଡିରେ ପ୍ରତିଷ୍ଠିତ ଶ୍ରୀ ତ୍ରିନାଥ ଦେବଙ୍କ ଦ୍ୱାଦଶ ତମ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପ୍ରତିଷ୍ଠାତା ପୂର୍ବତନ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ ଓ ନୂତନ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀର ପ୍ରତିଯୋଗୀତାକୁ ଦର୍ଶକମାନେ ଉପଭୋଗ କରିଥିଲେ । ବିଶେଷ କରି ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଅଧୀନ ହରିଚନ୍ଦନପୁର ମହିଳା ସଂକୀର୍ତ୍ତନ ମଣ୍ଡଳୀ, କଣ୍ଟିଲୋ ଖୁଦ ବେହେରା ପାଟଣା ସଂକୀର୍ତ୍ତନ ମଣ୍ଡଳୀ ଓ ଫକୀର ଅତବୃଦ୍ଧି ପାଟଣା ବରୁଣେଇ ମହିଳା ସଂକୀର୍ତ୍ତନ ମଣ୍ଡଳୀର କଳାକାରମାନେ ସେମାନଙ୍କ ଭଜନ ଶୈଳୀରେ ଦର୍ଶକମାନଙ୍କ ବହୁ ସମୟ ବାନ୍ଧି ରଖିପାରିଥିଲେ ।

### ସୀମା ସୁରକ୍ଷା ବଳ ଯବାନଙ୍କ ପରଲୋକ

**ଦଶପଲ୍ଲା,୧୮।୧(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ୍ ଡିହଗାଁ ଗ୍ରାମପଞ୍ଚାୟତ ଜାନିସାହି ଗ୍ରାମର ମାୟାଧର ପ୍ରଧାନ (୫୬)ଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ସେ ୧୯୮୯ରେ ବିଏସ୍ଏଫ୍‌ରେ ଯୋଗଦେଇଥିଲେ। ଚାକିରିକାଳ ମଧରେ ସେ ଉତ୍ତରାଞ୍ଚଳ ଓ ମଣିପୁରରେ ରହୁଥିଲେ। କିଛିଦିନ ତଳେ ସେ ଗାଁ କୁ ଆସିଥିଲେ । ଜଟଣୀଠାରେ ଅବସ୍ଥାପତି ଥିବା ବେଳେ ସୋମବାର ତାଙ୍କର ଉଚ୍ଚ ରକ୍ତଚାପ ଏବଂ ମଧୁମେହ ପରିମାଣ ବଢ଼ିଯାଇଥିଲା। ତାଙ୍କୁ ଭୁବନେଶ୍ୱର ଏମସ୍‌ରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ଘଟିଥିଲା । ତାଙ୍କର ମର ଶରୀରକୁ ବୁଧବାର ଜନ୍ମ ମାଟି ଜାନିସାହି କୁ ଅଣାଯାଇ ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ବଡପୁଅ ଅବିନାଶ ମୁଖାଗ୍ନି ଦେଇଥିଲେ । ଗାଁ ଶ୍ମଶାନରେ ବିଧାୟକ, ତହସିଲଦାର,ଆଡିସନାଲ ତହସିଲଦାର,ଆଇଆଇସି,ବ୍ଲକ ଅଧକ୍ଷା, ଏନ୍ଏସି ଅଧକ୍ଷା, କାଉନସିଲର, ସରପଞ୍ଚ, ସମିତି ସଭ୍ୟ ସମସ୍ତେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ ।

# ବିଲରୁ ମିଳିଲେ ଅମୃତଶ୍ୱରଦେବ

**ନୟାଗଡ଼ ଅଫିସ,୧୮।୧**

- ୧୬ ଦିନ ତଳେ ହୋଇଥିଲା ଚୋରି
- ପୋଲିସ ଅଭିଯୁକ୍ତଙ୍କ ଟେର ପାଇଲାନି
- ସେବାୟତଙ୍କ ନିୟମ ପରେ ବଢ଼ିଲା ଭୟ

ନୟାଗଡ଼ ଜିଲା ରଣପୁର ବ୍ଲକ ରାଜସୁନାଖଳା ପଞ୍ଚାୟତ ନୃସିଂହପୁର ଶାସନ ଟାଙ୍ଗିସାହିସ୍ଥ ମନ୍ଦିରରୁ ଚୋରି ହୋଇଥିବା ଅମୃତଶ୍ୱରଦେବଙ୍କ ଅଷ୍ଟଧାତୁ ମୂର୍ତ୍ତି ୧୬ ଦିନ ପରେ ଉଦ୍ଧାର ହୋଇଛି । ଚୋରି ନେଇ ରଣପୁର ଥାନା ଓ ଏହାର ଫାଣ୍ଡି ରାଜସୁନାଖଳାରେ ଅଭିଯୋଗ ହୋଇଥିଲେ ମଧ ପୋଲିସ ଟେର ପାଇ ନ ଥିଲା । ତେବେ ସେବାୟତମାନେ ଓଡ଼ଗାଁ ବ୍ଲକ ସାକେରୀ ନିୟମ ଠାକୁରଙ୍କ ପାଖରେ ନିୟମ କରିବା ପରେ ଚୋର ଭୟଭୀତ ହୋଇ ଠାକୁରଙ୍କ ମୂର୍ତ୍ତିଙ୍କୁ ଫୋପାଡ଼ି ଦେଇଥିଲେ।

ସୂଚନା ଅନୁଯାୟୀ, ଗତ ୩୧ ତାରିଖରେ ଅମୃତଶ୍ୱରଦେବଙ୍କ ଅଷ୍ଟଧାତୁ ମୂର୍ତ୍ତି, ସୁନାର କିରଟି, ମାଆ ପାର୍ବତୀଙ୍କ ସୁନା ହାର, ବିମାନରେ ଟାଟେରୀ ଭୋଗ ଖାଇବାକୁ ଯାଉଥିବା ରୂପା ନାଗ ଚୋରି ହୋଇଥିଲା । ମୂର୍ତ୍ତି ଚୋରି ପରେ ଥାନା ଓ ଫାଣ୍ଡିରେ ଅଭିଯୋଗ ହୋଇଥିଲା । କିଛିଦିନ ତଳେ ସେବାୟତମାନେ ଆସି ସାକେରୀ ମନ୍ଦିରରେ ନିୟମ କରିଥିଲେ । ନିୟମ କଲା ପରେ ଚୋର ୭ଦିନ ଭିତରେ ମୂର୍ତ୍ତି ମିଳିବ ବୋଲି ନିୟମ ଠାକୁରଙ୍କ ପକ୍ଷରୁ ସୂଚନା ରହିଥିଲା। ସେବାୟତମାନେ ଘରକୁ ଫେରିଥିଲେ । ମଙ୍ଗଳବାର ନିୟମ କରିବାର ୭ ଦିନ ପୁରିବାକୁ ଯାଉଥିଲା। ସେଦିନ ଅପରାହ୍ନରେ ମନ୍ଦିରର ପୂର୍ବ ଦିଗ ସମ୍ମୁଖରେ ପ୍ରାୟ ୫୦୦ ମିଟର ଦୂରରେ ଅମୃତଶ୍ୱରଦେବଙ୍କ ଅଷ୍ଟଧାତୁ ମୂର୍ତ୍ତି ପଡିଥିବା ଦେଖିବାକୁ ମିଳିଥିଲା। କେବଳ ମୂର୍ତ୍ତି ମିଳିଥିଲା । ଅନ୍ୟ ଚୋରି ଉପକରଣର ଟେର ମିଳିନାହିଁ । ଅନ୍ୟପକ୍ଷେ ଅମୃତଶ୍ୱରଦେବଙ୍କ ଉଦ୍ଧାର ପରେ ମନ୍ଦିରରେ ପୁନଃ ପୂଜାର୍ଚ୍ଚନା କରାଯାଇ ପ୍ରତିଷ୍ଠା କରାଯିବା ଦରକାର। ହେଲେ ୨ ଦିନ ବିତି ଯାଇଥିଲେ ମଧ ପୁନଃ ପ୍ରତିଷ୍ଠା କରାଯାଇ ପାରୁନି । ମନ୍ଦିର ଟ୍ରଷ୍ଟ ବୋର୍ଡ ନ ଥିବାରୁ ସବୁ ନିଷ୍ପତ୍ତି ନେବା ପଛରେ ବିଳମ୍ବ ହେଉଛି ବୋଲି ଅଭିଯୋଗ ଉଠିଛି । ଏନେଇ ଦେବତ୍ତୋର ବିଭାଗର ନୟାଗଡ଼ ଇନ୍ସପେକ୍ଟର ମିତ୍ରଭାନୁ ନାୟକଙ୍କୁ ପଚାରିବାରୁ ଚୋରି ଓ ଅମୃତଶ୍ୱରଦେବଙ୍କ ଉଦ୍ଧାର ଘଟଣା ଜାଣିବା ପରେ ସୁନାଖଳା ଯାଇଥିଲେ । ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଠାକୁରଙ୍କ ରୀତିନୀତି ଠିକ୍‌ରେ କରିବା ପାଇଁ ପରାମର୍ଶ ଦେଇଥିବା କହିଛନ୍ତି । ଅନ୍ୟପକ୍ଷେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅଭିଯୋଗ ମିଳିଲେ ଟ୍ରଷ୍ଟ ବୋର୍ଡ ଗଠନ କରାଯିବ ବୋଲି କହିଛନ୍ତି।

## ଉଦ୍ୟୋଗୀ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

**ଖଣ୍ଡପଡ଼ା,୧୮।୧(ସ୍ୱ.ପ୍ର.)**

ଶିକ୍ଷିତ ଓ ବେକାର ଯୁବତୀ,ଯୁବତକଙ୍କୁ ଆତ୍ମ ନିର୍ଭରଶୀଳ କରିବାର ଲକ୍ଷ୍ୟ ନେଇ ଖଣ୍ଡପଡ଼ା ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ଏକ ୧୨ ଦିନିଆ ଉଦ୍ୟୋଗୀ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ୩୦ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମର ମୁଖ୍ୟ ତତ୍ତ୍ୱାବଧାରକ ପ୍ରତିଭା କୁଅଁର ପ୍ରଶିକ୍ଷଣ ମାଧ୍ୟମରେ କୁଶଳୀ କାରିଗର ସୃଷ୍ଟି କରିବା ସହ ସରକାରଙ୍କ ପ୍ରୋତ୍ସାହନ କ୍ରମେ କିଭଳି ଜଣେ ବ୍ୟକ୍ତି ସଫଳ ଉଦ୍ୟୋଗୀ ହୋଇ ପାରିବ ସେ ନେଇ ସୂଚନା ପ୍ରଦାନ କରିଥିଲେ । ଶିଳ୍ପ ତାଲିମ ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରଦୀପ କୁମାର ବଳିୟାରସିଂ ଅନ୍ୟତମ ଅତିଥି ରୁପେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଛାତ୍ର ପୋଲିସ କ୍ୟାଡେଟ୍ ଗଠିତ



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

**ଖଣ୍ଡପଡ଼ା,୧୮।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲାପାଳଙ୍କ ଅନୁମୋଦନ କ୍ରମେ ଖଣ୍ଡପଡ଼ା ସହରର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୪୪ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ନୂତନ କରି ଛାତ୍ର ଓ ପୋଲିସ କ୍ୟାଡେଟ ଗଠିତ ହୋଇଛି। ଏ ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ମୁଖ୍ୟଅତିଥି ରୁପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ଅତିଥି ଭାବେ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ସେଠୀ, ମୋ ସ୍କୁଲ କମିଟିର ଅଧକ୍ଷ ତଥା ଶିଶୁ କବି କାଶୀନାଥ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସରୋଜ କୁମାର ଚୌଧୁରୀ, ଏବିଓ ରବିନ୍ଦ୍ରନାଥ ରାଉତରାୟ, କଳିଙ୍ଗ ଚନ୍ଦ୍ର ନାୟକ, ନାରାୟଣ ପ୍ରମୁଖ ଯୋଗ ଦେଇ ଛାତ୍ର ପୋଲିସ କ୍ୟାଡେଟ୍ ଗଠନର ମୁଳଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏ ଅବସରରେ ପୂର୍ବାହ୍ନରେ ଛାତ୍ର ପୋଲିସ କ୍ୟାଡେଟ୍‌ଙ୍କ ଦ୍ୱାରା ଏକ ସଚେତନତା ରାଲି ସହର ପରିକ୍ରମା କରି ସଡ଼କ ସୁରକ୍ଷା, ଜୀବନ ରକ୍ଷା ସମ୍ପର୍କରେ ଜନସଚେତେନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମରେ ସଞ୍ଜୁବାଳା ନାଥ, ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ନାୟକ, କବିତା ଜେନା, ସହକାରୀ ଶିକ୍ଷକ ପ୍ରତାପ ସାହୁ, ଅଭିଜିତ୍ କହଁରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ପ୍ରତାପ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଖଟୁଆ ଧନ୍ୟବାଦ ଦେଇଥିଲେ ।


ଯବାନଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି ।

## ରକ୍ତଦାନ କରି ରୋଗୀଙ୍କ ଜୀବନ ବଞ୍ଚାଇଲେ ଆକାଶ

**ଭାପୁର,୧୮।୧(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ବିଜିପୁର ପଞ୍ଚାୟତର ଆକାଶ ଜେନା (୨୪) ନାମକ ଜଣେ ଯୁବକ ନୟାଗଡ଼ ମେଡିକାଲରେ ଜଣେ ରୋଗୀଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇଛନ୍ତି। ନୟାଗଡ଼ ମେଡିକାଲରେ ମହୀପୁର ଥାନା ଅଞ୍ଚଳର ବ୍ରଜବନ୍ଧୁ ସାହୁ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ଏବି ନେଗେଟିଭ ରକ୍ତ ନିହାତି ଦରକାର ବୋଲି ଡାକ୍ତର କହିଥିଲେ । ଏ କଥା


ଆକାଶ ଜେନା

ଶୁଣିବା ପରେ ବ୍ରଜବନ୍ଧୁଙ୍କ ପରିବାର ଲୋକ ବ୍ୟସ୍ତ ହୋଇ ରକ୍ତ ଭଣ୍ଡାରରେ ସେହି ଗ୍ରୁପର ରକ୍ତ ଖୋଜିଥିଲେ । ହେଲେ ସେହି ଗ୍ରୁପର ରକ୍ତଦାତା ମିଳି ନ ଥିଲେ । ଶେଷରେ ମେଡିକାଲ ବ୍ଲଡବ୍ୟାଙ୍କ୍ ରେଜିଷ୍ଟ୍ରାର ଖାତାରୁ ବିଜିପୁର ଗ୍ରାମର ଆକାଶ ଜେନାଙ୍କ ସେହି ଗ୍ରୁପର ରକ୍ତ ବୋଲି ଜଣାପଡିବା ପରେ ତାଙ୍କ ସହ ଯୋଗାଯୋଗ କରାଯାଇଥିଲା । ସେ ତୁରନ୍ତ ରକ୍ତ ଦେବାପାଇଁ ନିଜସ୍ୱ ଖର୍ଚ୍ଚରେ ନୟାଗଡ଼ ମେଡିକାଲରେ ପହଞ୍ଚି ରକ୍ତଦାନ କରିଥିଲେ । ସେହି ରକ୍ତ ଗ୍ରହଣ ପରେ ବ୍ରଜବନ୍ଧୁଙ୍କ ଜୀବନ ରକ୍ଷା ପାଇଥିଲା। ଆକାଶଙ୍କ ଏଭଳି କାର୍ଯ୍ୟ ପାଇଁ ମେଡିକାଲର ସମସ୍ତ କର୍ମଚାରୀ ଏବଂ କର୍ତ୍ତୃପକ୍ଷ ତାଙ୍କୁ ସାଧୁବାଦ ଜଣାଇଛନ୍ତି। ଆକାଶଙ୍କ ଏଭଳି ପଦକ୍ଷେପକୁ ଭାପୁର ବ୍ଲକର ସମସ୍ତ ପ୍ରଂଶସା କରିଛନ୍ତି ।

## ଯନ୍ତ୍ର ଖୋଳୁଛି ମାଟି

**ନୟାଗଡ଼ ଅଫିସ,୧୮।୧**

**ଭିଡିଓ ବଖାଣୁଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ**

ଓଡ଼ଗାଁ ଜଗନ୍ନାଥପ୍ରସାଦ ରାସ୍ତାର ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରୋହିବାଙ୍କ ବିଦ୍ୟୁତ୍ ସବ୍‌ଷ୍ଟେଶନ ପାଖରେ ଦିନବେଳା ଅବାଧରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ)ରେ ଯନ୍ତ୍ର ଖୋଳୁଛି ପୋଖରୀ ଓ ବୋହୂଛି ମାଟି । ଏଭଳି ଦୃଶ୍ୟର ଭିଜୁଆଲ ପ୍ରସ୍ତୁତ କରି ମୁଖ୍ୟମନ୍ତ୍ରୀ ଓ ନୟାଗଡ଼ ଜିଲାପାଳଙ୍କୁ ଫେରାଦ୍ କରିଛି ନୟାଗଡ ଜିଲା କଂଗ୍ରେସ । ଅନ୍ୟପକ୍ଷେ ମେଲ ଯୋଗେ ୫–ଟି ସଚିବଙ୍କୁ ମଧ ଚାଲିଥିବା ଅନିୟମିତତା ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । କଂଗ୍ରେସର ଅଭିଯୋଗ ଅନୁସାରେ ରୋହିବାଙ୍କ ପୋଖରୀର କାମ ଯନ୍ତ୍ର କରୁଛି ବୋଲି ବିଡିଓଙ୍କୁ ଅଭିଯୋଗ କରାଯାଇଥିଲେ ମଧ ସୁଫଳ ମିଳିଲାନି । ଏଣୁ ଭିଡ଼ିଓ ଉତ୍ତୋଳନ କରାଯାଇ ଅଭିଯୋଗ କରାଯାଇଛି। ଜିଲାରେ ଏମ୍‌ଜିଏନଆରଇଜିଏସ୍ କାର୍ଯ୍ୟକୁ ଯନ୍ତ୍ରରେ କରାଯାଉଛି ବୋଲି ଅଭିଯୋଗ କରାଯାଉଛି। ହେଲେ ପ୍ରମାଣ ନ ଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ କରାଯାଉ ନାହିଁ। ରୋହିବାଙ୍କ ଘଟଣାରେ ଅଭିଯୋଗ କରାଯାଇଛି ଓ ପୋଖରୀ ଯନ୍ତ୍ର ଖୋଳୁଥିବା ଭିଡିଓ ଦିଆଯାଇଛି । ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାରେ ଅସୁବିଧା ନାହିଁ । ଏନେଇ କଂଗ୍ରେସ ଜିଲା ସଭାପତି ରଣଜିତ ଦାଶ କୁହନ୍ତି ପୋଖରୀର ମାଟି ଖୋଳା ଓ ବୁହା ଶ୍ରମିକ ବଦଳରେ ଯନ୍ତ୍ର କରୁଛି । ଆମେ ତା'ର ପ୍ରମାଣ ଭିଡିଓ ମାଧ୍ୟମରେ ପ୍ରଶାସନକୁ ଦେଇଛୁ । ହେଲେ ଆମ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉ ନାହିଁ । ବେଆଇନ ପୋଖରୀ ଖୋଳାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନ ହେଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ।

## ୧୪ ଡିଏସ୍‌ପିଙ୍କୁ ବଦଳି

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ରାଜ୍ୟ ପୋଲିସର ୧୪ ଜଣ ଡିଏସ୍‌ପିଙ୍କୁ ବଦଳି କରାଯାଇଛି । ଏ ନେଇ ବୁଧବାର ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହି ସମସ୍ତ ପୋଲିସ ଅଫିସରଙ୍କୁ ନିକଟରେ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ମିଳିଥିଲା । ରାଜ୍ୟ ପୋଲିସ ଏଷ୍ଟାବ୍ଲିଶମେଣ୍ଟ ବୋର୍ଡର ନିଷ୍ପତ୍ତି ଅନୁଯାୟୀ ଏହି ବଦଳି ହୋଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ପୋଲିସ ସେବା(ଓପିଏସ୍) ଅଫିସର ବିଶ୍ୱପ୍ରକାଶ ପଟ୍ଟନାୟକଙ୍କୁ କଟକସ୍ଥିତ ଏଚ୍‌ଆର୍‌ପିସି ଡିଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ଓପିଏସ୍ ଅଫିସର ରଜନୀକାନ୍ତ ମଲ୍ଲିକଙ୍କୁ କଟକସ୍ଥିତ ଏଚ୍‌ଆରପିସି ଡିଏସ୍‌ପି ଭାବେ ବଦଳି କରାଯାଇଛି। ତେବେ ତାଙ୍କୁ ଡେପୁଟେଶନରେ ନୟାଗଡ଼ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରକୁ ପଠାଯାଇଛି । ସେହିପରି ପ୍ରଫୁଲ୍ଲ କୁମାର ସିଂଙ୍କୁ କଟକସ୍ଥିତ ରାଜ୍ୟ ଏଚ୍‌ଆରପିସି ଡିଏସ୍‌ପି ଓ ଆଲୋକ କୁମାର ଜେନାଙ୍କୁ କେନ୍ଦୁଝର ମୁଖ୍ୟାଳୟ ଡିଏସ୍‌ପି ଭାବେ ବଦଳି ହୋଇଛି । ଏହି ସମସ୍ତ ଅଫିସରଙ୍କୁ ନିକଟରେ ଇନ୍ସପେକ୍ଟରରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ମିଳିଥିଲା । ସେହିପରି ଭୁବନେଶ୍ୱର ଇଓଡବ୍ଲ୍ୟୁ ଡିଏସ୍‌ପି ସ୍ନିଗ୍ଧା ଭଞ୍ଜଙ୍କୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀକୁ ଡିଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ କେନ୍ଦୁଝର ମୁଖ୍ୟାଳୟ ଡିଏସ୍‌ପି ଜୟଶ୍ରୀ ପ୍ରଧାନଙ୍କୁ ଭିଜିଲାନ୍ସ ଡିଏସ୍‌ପି, ସ୍ମୃତିରଞ୍ଜନ କରଙ୍କୁ କଟକସ୍ଥିତ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, ନିରଞ୍ଜନ ଶବରଙ୍କୁ ପୁରୀ ମୁଖ୍ୟାଳୟ ଡିଏସ୍‌ପି, ତାରଜସ୍ମିନ ଗୁରିଆଙ୍କୁ ପୁରୀ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, ସଚିନ ପଟେଲଙ୍କୁ ମାଲକାନଗିରି ଏସ୍‌ଡିପିଓ, ମାନବ୍ରତ ଶତପଥୀଙ୍କୁ କୋରାପୁଟ ପିସିଆର ସେଲ୍ ଡିଏସ୍‌ପି, ରେଣୁକା ସୁନାଙ୍କୁ ସୋନପୁର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, କୁମାରୀ ଜିସାଙ୍କୁ ଢେଙ୍କାନାଳ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଏବଂ ଅଜୟ କୁମାର ଦାସଙ୍କୁ କଳାହାଣ୍ଡି ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଭାବେ ବଦଳି କରାଯାଇଛି ।

## ମହିଳା କଲେଜରେ ଆତ୍ମସୁରକ୍ଷା ତାଲିମ


ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଉଛି ।

**ଖଣ୍ଡପଡ଼ା,୧୮।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ମହିଳା କନିଷ୍ଠ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଯୁବ ନୀତି ୨୦୧୩ ଅନୁଯାୟୀ ଉଚ୍ଚଶିକ୍ଷା ଓ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାୟୋଜିତ ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ନିର୍ଦ୍ଦେଶାନୁଯାୟୀ ଏହି ୮ ଦିନିଆ ତାଲିମ ଶିବିରରେ ୨୪୧ ଜଣ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ତାଲିମ ପ୍ରଶିକ୍ଷିକା ଭାବେ ମଧୁସ୍ମିତା ରାଉତ ଓ ସୁଶିଳା ସାହୁ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମ ଅଧିକାରିଣୀ ଅଧାପିକା ତୃପ୍ତିପ୍ରିୟା ସେଠୀ ଓ ନିବେଦିତା ପଟ୍ଟନାୟକ ଶିବିର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମହାବିଦ୍ୟାଳୟର ଅଧାପିକା ଅଧାପକ ଓ କର୍ମଚାରୀ ମାନେ ଏଥିରେ ସହଯୋଗ କରିଥିଲେ।

## ବାଦ୍ ହିତାଧିକାରୀଙ୍କ ବ୍ଲକ ଘେରାଉ

**କବିସୂର୍ଯ୍ୟନଗର,୧୮।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗରରେ ବ୍ଲକରେ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ଦେଖିବାକୁ ମିଳିଛି। ବାଦ ପଡ଼ିଥିବା ହିତାଧିକାରୀମାନେ ବୁଧବାର ବିଡ଼ିଓଙ୍କୁ ଘେରାଇ ସହ ଦାବିପତ୍ର ପ୍ରଦାନ କରିଛନ୍ତି। ବୁଧବାର ସକାଳେ ବିଭିନ୍ନ ପଞ୍ଚାୟତ ସୂଚନା ଫଳକରେ ମୋଟ ୧୯୦୮ଜଣଙ୍କ ଆବାସ ଯୋଜନାରେ ନାମ ପ୍ରକାଶ ପାଇଥିଲା। ଏଥିରେ ବହୁଯୋଗ୍ୟ ହିତାଧିକାରୀଙ୍କ ନାମ ନ ଥିବା ଜାଣି ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଜଣାଇଥିଲେ। ଚାଳ, ଝୁମ୍ପୁଡ଼ି, ଟିଣ ଘର ଥିବା ଲୋକଙ୍କ ନାମ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ରହିଥିବା ବେଳେ ବର୍ତ୍ତମାନ ଏହା ବାଦ ପଡ଼ିଥିବା ନେଇ ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ ଆଣିଥିଲେ। ଜନପ୍ରତିନିଧି ବୁଧବାର ବ୍ଲକରେ ପହଞ୍ଚି ବିଡ଼ିଓଙ୍କ ପାଖରେ ଅଭିଯୋଗ କରିଥିଲେ। ବିଡ଼ିଓ ତନ୍ମଧ୍ୟ ପାତ୍ର ଜରୁରୀ ବୈଠକ ଡାକି ଆଲୋଚନା କରିଥିଲେ। ତଦନ୍ତ ପରେ କୌଣସି ଦୁର୍ନୀତି ଆସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ବିଡ଼ିଓ କହିଛନ୍ତି। ଫନି ସ୍ୱତନ୍ତ୍ର ପିଏମ୍‌ଆରୱାଇରେ ୬୮୪ଜଣଙ୍କ ମଧ୍ୟରୁ ୪୯ ଅଯୋଗ୍ୟ ଓ ନର୍ମାଲ ପିଏମ୍‌ଆରୱାଇରେ ୧୮୦୬ଙ୍କ ମଧ୍ୟରୁ ରାଜ୍ୟ ସରକାର ୧୨୨୪ ହିତାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ଏଥିରୁ ୧୦୭ ଅଯୋଗ୍ୟଙ୍କୁ ବାଦ ଦିଆଯାଇଛି। ଏପରି ଫନି ପିଏମ୍‌ଆରୱାଇରେ ୪୯ ଓ ନର୍ମାଲ ପିଏମ୍‌ଆରୱାଇରେ ୧୦୭ ଜଣଙ୍କ ବ୍ୟତୀତ ମୋଟ ୧୫୬ଜଣଙ୍କୁ ବାଦ ଦିଆଯାଇଥିବା ବିଡ଼ିଓ କହିଛନ୍ତି। ଫନିରେ ୪ଜଣ ଓ ସାଧାରଣରେ ୩ ବାସହୀନ ପରିବାରକୁ ଜମି ଯୋଗାଇବା ପାଇଁ ତହସିଲଦାରଙ୍କୁ ଜଣାଇ ଦିଆଯାଇଥିବା ବିଡ଼ିଓ କହିଛନ୍ତି। ଅନ୍ୟପଟେ ବାଦ ପଡ଼ିଥିବା ସମସ୍ତ ହିତାଧିକାରୀଙ୍କୁ ଆବାସ ନ ପାଇଲେ ବ୍ଲକରେ ଧାରଣାରେ ବସିବେ ବୋଲି କହିଛନ୍ତି। ବର୍ତ୍ତମାନ କେନ୍ଦ୍ରସରକାର ନିୟମ ଅନୁସାରେ ଯାହାର ସ୍କୁଟି, ବାଇକ୍, ଛାତଘର ଆଦି ଥିବ ଆବାସ ମିଳିବ ନାହିଁ । ଘୋଷଣା ପରେ ବହୁ ହିତାଧିକାରୀଙ୍କ ନାମ କଟିଯିବ ବୋଲି ବିଡ଼ିଓ କହିଛନ୍ତି। ଅଯୋଗ୍ୟ ହିତାଧିକାରୀଙ୍କ ଅଭିଯୋଗ ପାଇ ପ୍ରତି ପଞ୍ଚାୟତ ଓ ବ୍ଲକରେ ଅଭିଯୋଗ ବକ୍ସ ରଖାଯିବ।


ହିତାଧିକାରୀଙ୍କ ବ୍ଲକ ଘେରାଉ ।

## ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

**ଦଶପଲ୍ଲା,୧୮।୧(ଡି.ଏନ.ଏ.)**

ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ୪୬ ତମ ବାର୍ଷିକ ଉତ୍ସବ ବୁଧବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ମୁଖ୍ୟଅତିଥି ରୁପେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ରୁପେ ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ, ପ୍ରଫେସର ଡ. କାର୍ତ୍ତିକ ପ୍ରସାଦ ଜେନା, ସମ୍ମାନୀତ ଅତିଥି ରୁପେ ପରିଚାଳନା କମିଟି ସଭାପତି ଅଲେଖ କୁମାର ସ୍ୱାଇଁ ,ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ,ଏନ୍ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦାନ କରିଥିଲେ । ଅଧାପକ ସନ୍ତୋଷ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ଗୁରୁପ୍ରସାଦ ଦାଶ ବାର୍ଷିକ ବିବରଣୀ ପାଠ କରି ମହାବିଦ୍ୟାଳୟ ପରିସରରେ ହଷ୍ଟେଲ ସୁବିଧା ନ ଥିବାରୁ ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି ବୋଲି କହିଥିଲେ । ଛାତ୍ରୀମାନେ ଉଦ୍‌ଘାଟନୀ ସଙ୍ଗୀତ ଗାନ କରିଥିଲେ । ଅଧାପକ ସରୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନ, ଅଡିଟୋରିୟମର ଶିଳାନ୍ୟାସ ଏବଂ ମାସିକ ସାହିତ୍ୟ ପତ୍ରିକା ପ୍ରାଚୀର ପତ୍ରର ଉଦଘାଟନ କରାଯାଇଥିଲା। ଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା ଶେଷ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆରମ୍ଭ ହେଲା ଓଳାଶୁଣୀ ଗୁମ୍ଫାମେଳା


ମହାପୁରୁଷଙ୍କ ସମାଧି ପୀଠ ।


ମହାପୁରୁଷଙ୍କ ସମାଧି ପାର୍ଶ୍ୱରେ ସାଧୁସନ୍ଥଙ୍କ ଭଜନ କୀର୍ତ୍ତନ ।

**ଚଣ୍ଡିଖୋଲ,୧୮।୧(ଡି.ଏନ.ଏ.):**

ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ବୁଧବାରଠାରୁ ଆରମ୍ଭ ହୋଇଛି। ମହାପୁରୁଷ ସନ୍ଥ ସାଧକ ଅରକ୍ଷିତ ଦାସଙ୍କ ୧୮୬ ତମ ବ୍ରହ୍ମଲୀନ ଦିବସ ଅବସରରେ ମାଘ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଏହି ମେଳା ଆରମ୍ଭ ହୋଇଥାଏ। ମଙ୍ଗଳବାର ମହାପୁରୁଷଙ୍କ କେଶ ଯାତ୍ରା ସମାପନ ପରେ ବୁଧବାର ପ୍ରାତଃସମୟରେ ଓଳାଶୁଣୀ ପାହାଡ ଶୀର୍ଷ ଦେଶରେ ଥିବା ମହାପୁରୁଷଙ୍କ ସମାଧି ମନ୍ଦିରରେ ପ୍ରଥମେ ମହା ସ୍ନାନ କରାଯାଇ ବଡ଼ ସିଂହାର ବେଶ, ଧୂପ ଓ ମଙ୍ଗଳା ଆଳତି ଅନୁଷ୍ଠିତ ହୋଇଥିଲା। ପରେ ମନ୍ଦିର ଚୂଡ଼ାରେ ବାନା ବନ୍ଧାଯାଇ ପୋଡ଼ପିଠା ଭୋଗ ଲାଗି କରାଯାଇଥିଲା। ସେହି ପ୍ରାତଃସମୟରୁ ମହାପ୍ରସାଦ ସେବନ କର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।ଏକାଦଶୀ ତିଥିରେ ଏଠାରେ ପ୍ରାୟ ୩୦ ହଜାର ଲୋକଙ୍କ ନିମନ୍ତେ ମହାପ୍ରସାଦ ପ୍ରସ୍ତୁତି କରାଯାଇଥିଲା। ଓଳାଶୁଣୀ ପୀଠ ମଠାଧିଶ ମହନ୍ତ ନମାନନ୍ଦ ଦାସ କୁହନ୍ତି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ମାଗିଥିଲେ କି ମୋ ପୀଠକୁ ଗୋଟିଏ ଦିନ ପାଇଁ ଶ୍ରୀକ୍ଷେତ୍ର ମାନ୍ୟତା ମିଳୁ। ସେଥିପାଇଁ ମହାପ୍ରଭୁଙ୍କ କରୁଣାରୁ ଏଠାରେ ଏକାଦଶୀ ତିଥିରେ ଗୋଟିଏ ଦିନ ଶ୍ରୀକ୍ଷେତ୍ର ପାଳଟିଥାଏ। ଶହଶହ ସଂଖ୍ୟାରେ ସାଧୁ ସନ୍ଥ ଏହି ପୀଠକୁ ଆସିଥାନ୍ତି। ସନ୍ଧ୍ୟାରେ ମହାପୁରୁଷଙ୍କ ସମାଧି ମନ୍ଦିର ଚତୁଃପାର୍ଶ୍ୱରେ ବହୁ ସନ୍ୟାସୀ ରାତି ସାରା ଉଜାଗର ରହି ଭଜନ ଜଣାଣ କରିଥାନ୍ତି। କେବଳ ସେତିକି ନୁହେଁ ବହୁ କୀର୍ତ୍ତନମଣ୍ଡଳୀ ପହଞ୍ଚି ପାହାଡ଼ ଶୀର୍ଷ ଦେଶରେ ଭଜନ କୀର୍ତ୍ତନ ଶହ ଖଞ୍ଜଣି ଭଜନ କରୁଥିବା ଦେଖିବାକୁ ମିଳିଛି।

### ବ୍ୟାପକ ସୁରକ୍ଷା ବ୍ୟବସ୍ଥା

ଏହିମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବା ଆଶଙ୍କା ଥିବାରୁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଯାଜପୁର ଏସ୍‌ପି ବିନୀତ ଅଗ୍ରୱାଲ ମେଳା ପଡ଼ିଆ ପରିଦର୍ଶନ କରିବା ସହ ପାହାଡ଼ ଶିଖର ଦେଶ ଓ ପାଦ ଦେଶ ବୁଲି ଦେଖିଛନ୍ତି। ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଜଣେ ଏସ୍‌ଡିପିଓ, ୪ ଇନ୍ସପେକ୍ଟର, ୮ ଏସଆଇ୍, ୧୬ ଏଏସଆଇ, ୧୨୦ କନଷ୍ଟେବଲ ଓ ହୋମ ଗାର୍ଡ ଏବଂ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବାଲିଚନ୍ଦ୍ରପୁର ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

### ମହାପୁରୁଷଙ୍କ ଦର୍ଶନ ନିମନ୍ତେ ନେତାଙ୍କ ଭିଡ଼

ଓଳାଶୁଣୀ ପାହାଡ଼ଟି ୩ ଜିଲାର ମଧ ସ୍ଥଳୀରେ ଅବସ୍ଥିତ ହୋଇଥିବାରୁ ଏଠାକୁ ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଜିଲାର ନେତାମାନେ ଆସିଥାନ୍ତି। ସେମାନେ ସମସ୍ତ ମହାପୁରୁଷଙ୍କ ସମାଧି ମନ୍ଦିର ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଥାନ୍ତି। ବୁଧବାର ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ମାହାଙ୍ଗା ବିଧାୟକ ପ୍ରତାପ ଜେନା, ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲୀଙ୍କ ପୁଅ ସେକ ମସୁଦ ଅଲ୍ଲୀ ପ୍ରମୁଖ ଏଠାକୁ ଆସିଥିଲେ। ମାହାଙ୍ଗା ବିଧାୟକ ଜେନା ମେଳା ପରିସରକୁ ଆସିବା ସମୟରେ ବାଜା, ବଣ ଓ ବିଭିନ୍ନ ପ୍ରକାର ନାଚ ସହ ବହୁ ସଂଖ୍ୟାରେ କର୍ମୀଙ୍କୁ ସାଥିରେ ନେଇ ଆସିଥିଲେ। ଫଳରେ ଟ୍ରାଫିକ ଜାମ ହୋଇଥିଲା। ଏପରି କି ୧ ଘଣ୍ଟା କାଳ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଯାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗିଥିଲେ।

# ମେଳା ବୁଲିଲେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

**ବରୁଣେଶ୍ୱର ମେଳାର ପଞ୍ଚମ ଦିନ**

**ବିଞ୍ଝାରପୁର,୧୮।୧(ଡି.ଏନ.ଏ.):**


ଦିବ୍ୟାଙ୍ଗ ଛାତ୍ରୀଛାତ୍ର ମେଳା ବୁଲୁଛନ୍ତି ।

ବରୁଣେଶ୍ୱର ମେଳାର ପଞ୍ଚମ ଦିନରେ ବୁଧବାର ବରୁଣେଶ୍ୱର ୟୁଥ୍ ଫୋରମ ଓ ଛାତ୍ର ନେତା ଜିତେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ୬୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମେଳା ପରିଭ୍ରମଣ କରାଯାଇଛି। ମାଁସଡ଼ାସ୍ଥିତ ପ୍ରମିଳାଦେବୀ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କୁ ପୂର୍ବାହ୍ନରେ ସ୍ୱତନ୍ତ ଭାବେ ମେଳା ପଡ଼ିଆକୁ ଅଣାଯାଇଥିଲା। ପ୍ରଥମେ ବାବା ବରୁଣେଶ୍ୱରଙ୍କ ଦର୍ଶନ ପରେ ପିଲାଙ୍କୁ ମେଳାରେ ବୁଲାଯାଇ ବିଭିନ୍ନ ଦୋଳି ଖେଳାଯାଇଥିଲା। ମେଳା ବୁଲି ପିଲାମାନେ ବେଶ ଆନନ୍ଦ ଉପଲବ୍ଧ କରିଥିଲେ। ପିଲାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ୟୁଥ୍ ଫୋରମ୍ ପକ୍ଷରୁ ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମରେ ୟୁଥ୍ ଫୋରମର କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ପ୍ରଧାନଙ୍କ ସମେତ ଜିଲାପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ରବୀନ୍ଦ୍ର କୁମାର ପରିଡ଼ା, ଧ୍ରୁବଚରଣ ସେଠୀ, ଅରେଇ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ, ଜିଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ଉତ୍ତଙ୍ଗରା ସରପଞ୍ଚ ସନ୍ତୋଷ ମଲ୍ଲିକ, ପର୍ଶୁରାମ କବି, ରୋମିଓ ରୋପଣ ରାଉତ, ଶ୍ରୀକାନ୍ତ ପଣ୍ଡା, ବଟକୃଷ୍ଣ ନାୟକ, ବରଦାପ୍ରସନ୍ନ ନାୟକ, ପ୍ରାଣକୃଷ୍ଣ ନାୟକ, ରାଜେନ୍ଦ୍ର ଓଝା, ମୋଜାହିଦ୍ ଖାନ ଓ ଜିତେନ୍ଦ୍ର ବାରିକ ପ୍ରମୁଖ ବହୁ ବ୍ୟକ୍ତି ସାମିଲ ହୋଇଥିଲେ।

### ଅପେରାମୁହାଁ ଦର୍ଶକ

ମେଳାର ପଞ୍ଚମ ଦିନରେ ଅପେରା ମୁହାଁ ହୋଇଛନ୍ତି ଦର୍ଶକ। ୨ ବର୍ଷର ବ୍ୟବଧାନ ପରେ ମେଳା ଅନୁଷ୍ଠିତ ହେଉଥିବାରୁ ଯାତ୍ରାପ୍ରେମୀମାନେ ଯାତ୍ରା ଦେଖିବାକୁ ବେଶ ପସନ୍ଦ କରୁଛନ୍ତି। ଅନ୍ୟପକ୍ଷରେ ବରୁଣେଶ୍ୱର ମେଳା ଯାତ୍ରା କଳାକାର ଓ ଯାତ୍ରା ପାର୍ଟି ଗୁଡିକ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ଏକକାଳୀନ ଗୋଟିଏ ସ୍ଥାନରେ ୫ଟି ଅପେରା ପାର୍ଟି ଯାତ୍ରା ଅପେରା ପରିବେଷଣ କରୁଥିବାରୁ କେଉଁ କଳାକାର ଓ କେଉଁ ଯାତ୍ରା ଅନୁଷ୍ଠାନ ସର୍ବାଗେ ରହିବେ ସେଥିପାଇଁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ପରିଲକ୍ଷିତ ହେଉଛି। କଳାକାର ନିଜର ସର୍ବୋଚ୍ଚ ଅଭିନୟ ଏହି ମଞ୍ଚରେ ପ୍ରଦର୍ଶନ କରିବାକୁ ବେଶ୍ ପ୍ରୟାସ କରୁଛନ୍ତି। ଦର୍ଶକଙ୍କ ମନରେ କିଏ ବରୁଣେଶ୍ୱର ମେଳାରେ ରାଜ କରିବ ସେଥିନେଇ ଜୋରଦାର ଚର୍ଚ୍ଚା ଲାଗିରହିଥିବା ବେଳେ ଯାତ୍ରା ଜୁଏଲ ସ୍ୱର୍ଣ୍ଣମନ୍ଦିରରେ ବିବାଦୀୟ ଅଭିନେତ୍ରୀ ରାଣୀ ପଣ୍ଡା ନିଜର ଦମଦାର ଅଭିନୟ ବଳରେ ଦର୍ଶକଙ୍କ ମନରେ ରାଜ କରିବାରେ ଲାଗିଛନ୍ତି।

### ବଢ଼ୁଛି ସାଧୁସନ୍ଥଙ୍କ ଆଗମନ

ମେଳାରେ ଅନେକ ଲୋକଙ୍କ ସମାଗମ ହେଉଥିବା ବେଳେ ଚଳିତ ବର୍ଷ ମେଳାକୁ ଅନେକ ସାଧୁସନ୍ଥଙ୍କ ଆଗମନ ମଧ୍ୟ ଦେଖିବାକୁ ମିଳିଛି। ମନ୍ଦିର ପରିସରରେ ଅନେକ ଅଲେଖ ମହିମା ଧର୍ମାଲମ୍ବୀ ଧୂନି ପ୍ରଜ୍ୱଳିତ କରି ମହିମା ଧର୍ମର ରୀତିନୀତି ପାଳନ କରୁଥିବା ଦେଖିବାକୁ ମିଳୁଛି। ଏହି ସହିତ ମେଳା ସଂଲଗ୍ନ ନାମନ୍ଦିରରେ ମଧ ସାଧୁ ସନ୍ଥଙ୍କ ଆଗମନ ବୃଦ୍ଧି ପାଇଛି। ମକର ସଂକ୍ରାନ୍ତି ଠାରୁ ନବଦିନ ବ୍ୟାପି ବରୁଣେଶ୍ୱର କ୍ଷେତ୍ରରେ ଆରମ୍ଭ ହୋଇଥିବା ମକର ମେଳାରେ ସାଧୁସଂସ୍ଥାଙ୍କ ଆଗମନ ସ୍ଥାନୀୟ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି।

### ଘୋଡ଼ାରେ ସବାର ହେଲେ ରାଣୀ ପଣ୍ଡା

ବରୁଣେଶ୍ୱର ମେଳାରେ ଅପେରା ପରିବେଷଣ ଦ୍ୱିତୀୟ ଦିନରେ ବରୁଣେଶ୍ୱର କ୍ଲବ ପକ୍ଷରୁ ଯାତ୍ରା ଜୁଏଲ ସ୍ୱର୍ଣ୍ଣମନ୍ଦିରର ବିବାଦୀୟ ଅଭିନେତ୍ରୀ ରାଣୀ ପଣ୍ଡାଙ୍କୁ ମଇଁଦା ଛକଠାରୁ ଏକ ସୁସଜ୍ଜିତ ଘୋଡା ଗାଡିରେ ସବାର କରି ବିଶାଳ ଶୋଭାଯାତ୍ରାରେ ମଞ୍ଚ ପର୍ଯ୍ୟନ୍ତ ନିଆଯାଇଛି। ରାଣୀ ପଣ୍ଡାଙ୍କ ଏହି ଶୋଭା ଯାତ୍ରା ଦେଖିବାକୁ ମଇଁଦା ଛକଠାରୁ ମେଳା ପଡିଆ ପର୍ଯ୍ୟନ୍ତ ବେଶ ଭିଡ଼ ଲାଗି ରହିଥିଲା।

# ୧୪ ଡିଏସ୍‌ପିଙ୍କୁ ବଦଳି

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ରାଜ୍ୟ ପୋଲିସର ୧୪ ଜଣ ଡିଏସ୍‌ପିଙ୍କୁ ବଦଳି କରାଯାଇଛି । ଏ ନେଇ ବୁଧବାର ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହି ସମସ୍ତ ପୋଲିସ ଅଫିସରଙ୍କୁ ନିକଟରେ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ମିଳିଥିଲା । ରାଜ୍ୟ ପୋଲିସ ଏଷ୍ଟାବ୍ଲିଶମେଣ୍ଟ ବୋର୍ଡର ନିଷ୍ପତ୍ତି ଅନୁଯାୟୀ ଏହି ବଦଳି ହୋଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ପୋଲିସ ସେବା(ଓପିଏସ୍) ଅଫିସର ବିଶ୍ୱପ୍ରକାଶ ପଟ୍ଟନାୟକଙ୍କୁ କଟକସ୍ଥିତ ଏଚ୍‌ଆର୍‌ପିସି ଡିଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ଓପିଏସ୍ ଅଫିସର ରଜନୀକାନ୍ତ ମଲ୍ଲିକଙ୍କୁ କଟକସ୍ଥିତ ଏଚ୍‌ଆରପିସି ଡିଏସ୍‌ପି ଭାବେ ବଦଳି କରାଯାଇଛି। ତେବେ ତାଙ୍କୁ ଡେପୁଟେଶନରେ ନୟାଗଡ଼ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରକୁ ପଠାଯାଇଛି। ସେହିପରି ପ୍ରଫୁଲ୍ଲ କୁମାର ସିଂଙ୍କୁ କଟକସ୍ଥିତ ରାଜ୍ୟ ଏଚ୍‌ଆରପିସି ଡିଏସ୍‌ପି ଓ ଆଲୋକ କୁମାର ଜେନାଙ୍କୁ କେନ୍ଦୁଝର ମୁଖ୍ୟାଳୟ ଡିଏସ୍‌ପି ଭାବେ ବଦଳି ହୋଇଛି । ଏହି ସମସ୍ତ ଅଫିସରଙ୍କୁ ନିକଟରେ ଇନ୍ସପେକ୍ଟରରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ମିଳିଥିଲା ।ସେହିପରି ଭୁବନେଶ୍ୱର ଇଓଡବ୍ଲ୍ୟୁ ଡିଏସ୍‌ପି ସ୍ନିଗ୍ଧା ଭଞ୍ଜଙ୍କୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀକୁ ଡିଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ କେନ୍ଦୁଝର ମୁଖ୍ୟାଳୟ ଡିଏସ୍‌ପି ଜୟଶ୍ରୀ ପ୍ରଧାନଙ୍କୁ ଭିଜିଲାନ୍ସ ଡିଏସ୍‌ପି, ସ୍ମୃତିରଞ୍ଜନ କରଙ୍କୁ କଟକସ୍ଥିତ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, ନିରଞ୍ଜନ ଶବରଙ୍କୁ ପୁରୀ ମୁଖ୍ୟାଳୟ ଡିଏସ୍‌ପି, ତାରଜସ୍ମିନ ଗୁରିଆଙ୍କୁ ପୁରୀ ଆଇୟୁସିଏଡ୍ଲ୍ୟୁ ଡିଏସ୍‌ପି, ସଚିନ ପଟେଲଙ୍କୁ ମାଲକାନଗିରି ଏସ୍‌ଡିପିଓ, ମାନବ୍ରତ ଶତପଥୀଙ୍କୁ କୋରାପୁଟ ପିସିଆର ସେଲ୍ ଡିଏସ୍‌ପି, ରେଣୁକା ସୁନାଙ୍କୁ ସୋନପୁର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, କୁମାରୀ ଜିସାଙ୍କୁ ଢେଙ୍କାନାଳ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଏବଂ ଅଜୟ କୁମାର ଦାସଙ୍କୁ କଳାହାଣ୍ଡି ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଭାବେ ବଦଳି କରାଯାଇଛି ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଦୀପକ


@ ସମ୍ରାଟ


@ ଜଗନ୍ନାଥ


@ ସୌମ୍ୟ


@ ସନ୍ତୋଷ


@ ବିଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**କେନ୍ଦ୍ରାପଡ଼ା ଅଫିସ,୧୮।୧**

**ଶିଶୁକନ୍ୟା ବଳାତ୍କାର ମାମଲା**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଞ୍ଚଳରେ ୨୦୧୭ରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିଲା। ଏହି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି । କେନ୍ଦ୍ରାପଡ଼ା ଆଡହକ ଆଡିଶନାଲ ସେସନ୍ସ ଜଜ୍ ତ୍ରୀବିକ୍ରମ କେଶରୀ ଚିହ୍ନରା ଉକ୍ତ ମାମଲା (ନଂ-୧୧୮/୧୭)ର ଶୁଣାଣୀ କରି ମାର୍ଶାଘାଇ ଥାନା ଅଧୀନ ମଣିକୁଣ୍ଡା ଗ୍ରାମର ମାନସ ସେଠୀ (୨୭)ଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦଣ୍ଡିତ କରିବା ସହ ଜରିମାନା ବାବଦ ୫୦ ହଜାର ଟଙ୍କା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଜରିମାନା ଅନାଦାୟେ ମାନସ ଅଧିକ ୬ ମାସ ଜେଲରେ ରହିବେ ବୋଲି କୋର୍ଟ କହିଛନ୍ତି। ଏଥିସହିତ ଏହି ରାୟରେ ନାବାଳିକାଙ୍କୁ କ୍ଷତିପୂରଣ ବାବଦ ୩ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଦର୍ଶାଯାଇଛି।

ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ସାହୁଙ୍କ ସୂଚନା ଅନୁଯାୟୀ ୨୦୧୭ ଜୁନ ୯ରେ ଏହି ନାବାଳିକା ଭୋର ୫ଟା ସମୟରେ ଦାଣ୍ଡରେ ଖେଳୁଥିଲେ। ମାନସ ତାଙ୍କୁ ଘରକୁ ଡାକିନେଇ ବଳାତ୍କାର କରିଥିଲେ। କାହାକୁ କହିଲେ ମାରି ଦେବାକୁ ଧମକ ଦେବା ସହିତ ଜୋରଜବରଦସ୍ତ ନିଜ ଘରେ ଟିଭି ଦେଖିବାକୁ କହିଥିଲେ। ସଂପୃକ୍ତ ଶିଶୁ କୌଣସି ପ୍ରକାର ଘରକୁ ଆସି କାନ୍ଦିବାରୁ ତାଙ୍କ ମାଆ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ । ପରେ ଝିଅକୁ ଚିକିତ୍ସା ପାଇଁ ନିକଟସ୍ଥ ସିଏଚ୍‌ସିକୁ ନିଆଯାଇଥିଲା । ସେଦିନ ପୀଡ଼ିତାଙ୍କ ବାପା ଏସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ । ଏହାପରେ ମାନସ ଘରୁ ଫେରାର ହୋଇଯାଇଥିଲେ । ୨୦୨୦ ଜୁନ ୧୬ରେ ମାନସ ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ରହୁଥିବା ଜାଣିବା ପରେ ମାର୍ଶାଘାଇ ଥାନା ପୋଲିସ ତାଙ୍କୁ ସେଠାରୁ ଗିରଫ କରିଥିଲା। ଏହି ମାମଲା ଭାରତୀୟ ଦଣ୍ଡବିଧାନ ଆଇନର ଧାରା ୩୭୬ (୨)(ଆଇ, କେ, ଏଏମ), ୫୦୬ (ଖ) ଓ ପୋକ୍‌ସୋ ଆଇନର ଧାରା ୬ରେ ବିଚାର ହୋଇଥିବା ସ୍ପେଶାଲ ପିପି ସାହୁ ସୂଚନା ଦେଇଛନ୍ତି ।

# ନୂଆବର୍ଷରୁ ପାଟକୁରାରେ ରାଜନୈତିକ ଉଷ୍ମତା

- ଅସନ୍ତୁଷ୍ଟ ବିଜେଡି ନେତାଙ୍କ ଶକ୍ତି ପ୍ରଦର୍ଶନ
- ବିଜୟ, ସାବିତ୍ରୀଙ୍କ ପରେ ସରୋଜକାନ୍ତ

**ଡେରାବିଶ,୧୮।୧(ସ୍ୱ.ପ୍ର.)**



ବନ୍ଧୁମିଳନ ସଭାରେ ସରୋଜକାନ୍ତ ଓ ଅନ୍ୟମାନେ ।

୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନ ଆହୁରି ବର୍ଷେ ଥିବା ବେଳେ କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନମଣ୍ଡଳୀରେ ୨୦୨୩ ନବବର୍ଷ ଆରମ୍ଭରୁ ରାଜନୈତିକ ଉଷ୍ମତା ଦେଖାଦେଇଛି। ବନ୍ଧୁ ମିଳନ ନାଁରେ ଭାଜପା ଓ ବିଜେଡି ନେତାଙ୍କ ଶକ୍ତି ପ୍ରଦର୍ଶନ ଚର୍ଚ୍ଚାର ବିଷୟ ହୋଇଛି । ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ଗତ ୮ ତାରିଖରେ ଗରଦପୁର ବ୍ଲକ ଅଧୀନ ଟିକନପୁରଠାରେ ଏକ ବନ୍ଧୁମିଳନ ଆୟୋଜନ କରିଥିଲେ । ଏହି ଅବସରରେ ସେ କହିଥିଲେ, ୨୦୨୪ ନିର୍ବାଚନ ଏକ ନିର୍ଣ୍ଣାୟକ ଭୂମିକା ନେବ। ଏହି ସଭାରେ ବିଜୟଙ୍କ ପୁଅ ଅରବିନ୍ଦ ମହାପାତ୍ର ଉଦ୍‌ବୋଧନ ଦେଇଥିଲେ । ତାଙ୍କ ଉଦ୍‌ବୋଧନ ବେଶ୍ ରାଜନୈତିକ ଖୋରାକ ଯୋଗାଇଛି । ସେହିପରି ଗତ ୯ ତାରିଖରେ ଡେରାବିଶ ବ୍ଲକ ଚାନ୍ଦୋଳଠାରେ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏଥିରେ ବିଧାୟିକା ସାବିତ୍ରୀ ଅଗ୍ରୱାଲ୍ ନିଜ ପୁଅ ସଞ୍ଜୟଙ୍କୁ ଏହି ନିର୍ବାଚନମଣ୍ଡଳୀର ପରବର୍ତ୍ତୀ ନେତୃତ୍ୱ ଭାବେ ଘୋଷଣା କରିଥିଲେ । ଏହାପରେ ବୁଧବାର ଅର୍ଥାତ୍ ଆଜି ବିଧାୟିକାଙ୍କ ବିରୋଧି ଭାବେ ଜଣାଶୁଣା ଅସନ୍ତୁଷ୍ଟ ବରିଷ୍ଠ ବିଜେଡି ନେତା ତଥା ଡେରାବିଶ ବ୍ଲକର ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ ଇନ୍ଦାଳୋ ପଞ୍ଚାୟତ ଦକ୍ଷିଣପାରିଠାରେ ବନ୍ଧୁମିଳନ ନାମରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ନୂଆବର୍ଷ ପ୍ରାରମ୍ଭରୁ ପାଟକୁରାର ନେତୃତ୍ୱ ନେବା ପାଇଁ ଅଣ୍ଟା ଭିଡ଼ିଥିବା ସରୋଜଙ୍କ ଦ୍ୱାରା ଆହୁତ ଏହି ବନ୍ଧୁ ମିଳନ ସଭାରେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ରାଉତ ଅଧକ୍ଷତା କରିଥିଲେ। ଏହି ସଭାରେ ସରୋଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମ ପାଟକୁରା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରୁ ନ ଥିବା କହିଥିଲେ। ୨୦୧୯ ଉପନିର୍ବାଚନରେ ବିଜୟୀ ହୋଇ ବିଧାୟିକା ବିକାଶ ମୂଳକ କାର୍ଯ୍ୟ କରିବା ପରିବର୍ତ୍ତେ ତାଙ୍କ ପରିବାରର କିଏ ନେତୃତ୍ୱ ନେବ ସେଥିରେ ସେ ବ୍ୟସ୍ତ ରହିଥିବା ସରୋଜ ଅଭିଯୋଗ କରିଥିଲେ। ଚଳିତ ବର୍ଷ ଖରିଫ୍ ଧାନ ଫସଲ ଭଲ ହୋଇଛି। ହେଲେ ଚାଷୀମାନେ ମଣ୍ଡିକୁ ନେଇ ଯାଉଥିବା ଧାନ ବସ୍ତାରୁ ମିଲର ୩ରୁ ୪ କେଜି କାଟୁଛନ୍ତି । ଏଥିପାଇଁ ଚାଷୀଙ୍କ ସମସ୍ୟା ବଢ଼ି ଚାଲିଛି। ତେବେ ଏହି ଅଭିଯୋଗ କାହା ପାଖରେ କରିବେ ବୋଲି ସରୋଜ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ କିପରି ଟାଣ କରାଯିବ ସେ ନେଇ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଗାଁକୁ ଯାଇ ସେ ତାଙ୍କ ସଂଗ୍ରାମ ଅବ୍ୟାହତ ରଖିବେ ବୋଲି କହିଥିଲେ। ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ମଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ମୁଖ୍ୟମନ୍ତ୍ରୀଙ୍କ ଏକ ଐତିହାସିକ ପଦକ୍ଷେପ ବୋଲି କହିଥିଲେ । ଯୁବନେତା ଚୌଧୁରୀ ରବିନ୍ଦ୍ର କୁମାର ଜେନା, କଳ୍ପତରୁ ଶତପଥୀ, ଅଜୟ କୁମାର ବଳ, ଇନ୍ଦାଳୋ ସମିତିସଭ୍ୟା ମାମିନା ମଲିକ, ହରିଅଙ୍କ ସମିତିସଭ୍ୟା ସଂଯୁକ୍ତା ଜେନା, ପରିକ୍ଷିତ ପରିଡ଼ା, ସ୍ୱର୍ଣ୍ଣମୟୀ ସାହୁ, ନୃସିଂହ ନାୟକ, ନରୋତ୍ତମ ଶତପଥି ପ୍ରମୁଖ ଦଳୀୟ କର୍ମୀ ଏହି ସଭାରେ ଯୋଗଦେଇ ପାଟକୁରାରେ ସରକାରୀ ଯୋଜନା ବାଟମାରଣା ହେଉଥିବା ଅଭିଯୋଗ କରିଥିଲେ । ତେବେ ଡେରାବିଶ ବ୍ଲକ ଅଧୀନ ଲୁଣା-ଚିତ୍ରୋତ୍ପଳାର ଦ୍ୱୀପାଞ୍ଚଳରେ ଥିବା ଯଅଁରାବାରିମୂଳ, ହରିଅଙ୍କ ଓ ଇନ୍ଦାଳୋ ପଞ୍ଚାୟତର ବିଜେଡି କର୍ମୀଙ୍କୁ ନେଇ ଅନୁଷ୍ଠିତ ଏହି ବନ୍ଧୁମିଳନ ସରୋଜଙ୍କ ଶକ୍ତି ପ୍ରଦର୍ଶନ ଥିଲା ବୋଲି ଚର୍ଚ୍ଚା ଜୋର ଧରିଛି । ଏହି ଅବସରରେ ବରିଷ୍ଠ ଦଳୀୟ କର୍ମୀଙ୍କୁ ଓ ୩୦ ଜଣ ବରିଷ୍ଠ ନାଗରିକଙ୍କୁ ସରୋଜ ସମ୍ବର୍ଦ୍ଧିତ କରିଥିଲେ ।

## ସଂକ୍ଷେପରେ

### ସମ୍ବଲପୁର ମିଲରଙ୍କୁ ବଣ୍ଟନ ହେବ ଧାନ ଟାର୍ଗେଟ

**୨୦ରୁ ୧୯ ମିଲର ଦେଲେଣି ବ୍ୟାଙ୍କ ଗ୍ୟାରେଣ୍ଟି**

**ନୟାଗଡ଼ ଅଫିସ,୧୮।୧:** ନୟାଗଡ ଜିଲାର ଧାନକିଣାରେ ସମ୍ବଲପୁର ମିଲର ସାମିଲ ହେବାକୁ ଯାଉଛନ୍ତି । ଗୁରୁବାର ୨୦ ସମ୍ବଲପୁରର ମିଲରଙ୍କୁ ଜିଲା ଯୋଗାଣ ବିଭାଗ ୫ ଲକ୍ଷ କୁଇଣ୍ଟାଲ ଧାନ ଟର୍ଗେଟ ବଣ୍ଟନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସରକାର ସମ୍ବଲପୁର ଜିଲାର ମିଲରଙ୍କୁ ଧାନ କିଣାରେ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେବା ପରେ ବୁଧବାର ୨, ମଙ୍ଗଳବାର ୬, ସୋମବାର ୭ଜଣ ଓ ଗତ ଶନିବାର ୪ଜଣ ଏପରି ୧୯ ସମ୍ବଲପୁର ମିଲର ନୟାଗଡ଼ ଆସି ବ୍ୟାଙ୍କ ଗ୍ୟାରେଣ୍ଟି କାଗଜାତ ଜିଲା ଯୋଗାଣ ବିଭାଗରେ ଦାଖଲ କରିଛନ୍ତି । ଗୁରୁବାର ପୁଣି ୧ ମିଲର ଧାନକିଣାରେ ସାମିଲ ହେବା ପାଇଁ କାଗଜାତ ଦାଖଲ କରିବାର ଅଛି । ୧୯ ମିଲରଙ୍କଠାରୁ ୧୭ କୋଟି ୬୮ ଲକ୍ଷ ଟଙ୍କା ବ୍ୟାଙ୍କ ଗ୍ୟାରେଣ୍ଟି ଜିଲା ଯୋଗାଣ କାର୍ଯ୍ୟାଳୟ ରଖିଛି । ଧାନ କିଣା ତ୍ୱରାନ୍ୱିତ ହୋଇଥିବାର ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ହେଁ ଏଯାବତ ଚାଷୀ ଅସନ୍ତୁଷ୍ଟ ଅଛନ୍ତି ।

### ମହିଳା କର୍ମଚାରୀଙ୍କୁ ଯୌନଶୋଷଣ ଅଭିଯୋଗ

**ବ୍ରହ୍ମପୁର ଅଫିସ,୧୮।୧:** ବ୍ରହ୍ମପୁର ସ୍ଥିତ ଟାଟା ପାୱାର ତଥା ଟିପିଏସ୍ଓଡିଏଲ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣେ ମହିଳା କର୍ମଚାରୀଙ୍କୁ ଯୌନ ଶୋଷଣ ଅଭିଯୋଗ ହୋଇଛି। ଟିପିଏସ୍ଓଡିଏଲର ଜଣେ ଅଧିକାରୀ ଏହି ମହିଳାଙ୍କୁ କିଛି ମାସ ହେବ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଯୌନ ଶୋଷଣ କରୁଥିବା ନେଇ ସେ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ ପରେ ରୁଜୁ ହୋଇଛି । ମହିଳାଙ୍କ ଅଭିଯୋଗପ୍ରକାରେ, ସେ ଏକ ଆଉଟସୋର୍ସିଂ ସଂସ୍ଥା ଜରିଆରେ ଟାଟା ପାୱାର ମୁଖ୍ୟ କାର୍ଯ୍ୟାଳୟରେ କାମ କରୁଛନ୍ତି। ଯାହାର ସୁଯୋଗ ନେଇ ଅଧିକାରୀ ଜଣକ ତାଙ୍କୁ ବାରମ୍ବାର ନିଜ କ୍ୟାବିନକୁ ଡାକି ସିକ୍ୟୁରିଟି ସୁପରଭାଇଜର କରାଇଦେବି ବୋଲି ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ହେଲେ ମହିଳା ଜଣଙ୍କ ଏଥିରେ ରାଜି ନ ହେବାରୁ ତାଙ୍କୁ ଟ୍ରାନ୍ସଫର କରି ଦେବି ବୋଲି ଡରାଉଥିଲେ । ୧୧ ତାରିଖରେ କ୍ୟାବିନକୁ ଡାକି ଜବରଦସ୍ତ ସମ୍ପର୍କ ରଖିବାକୁ ଉଦ୍ୟମ କରିଥିଲେ ବୋଲି ମହିଳା ଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ଏହି କଥା କାହାକୁ କହିଲେ ଚାକିରିରୁ ବାହାର କରିଦେବି ବୋଲି ଧମକ ଦେଇଥିଲେ।

### ଅଭିଯୁକ୍ତଙ୍କ ଆତ୍ମସମର୍ପଣ

**ବ୍ରହ୍ମପୁର ଅଫିସ,୧୮।୧:** ଏକ ଯୌତୁକଜନିତ ବଧୂ ହତ୍ୟା ମାମଲାରେ ସମ୍ପୃକ୍ତି ଥାଇ ଦୀର୍ଘଦିନ ଧରି ଫେରାର ଥିବା ଆମ୍ବପୁଆ ଅଞ୍ଚଳର ଜଣେ ମହିଳା ଜି.ଦିଲେଶ୍ୱରୀ ଜେଏମ୍ଏଫସି (ଗ୍ରାମାଞ୍ଚଳ)ଙ୍କ କୋର୍ଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ପୂର୍ବରୁ ପୋଲିସ ମୃତ ନବବଧୂ ଆର.ଚଞ୍ଚଳା ରେଡ୍ଡୀଙ୍କ ସ୍ୱାମୀଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେମାନେ ଜାମିନରେ ମୁକୁଳିଥିଲେ। ୨୦୨୨ ଜୁଲାଇ ୮ରେ ଚମାଖଣ୍ଡିର ଚଞ୍ଚଳାଙ୍କ ସହ ଆମ୍ବପୁଆର ଫକୀର ମୋହନ ରେଡ୍ଡୀଙ୍କ ବିବାହ ହୋଇଥିଲା। ବିବାହ ପରଠାରୁ ଅଧିକ ଯୌତୁକ ଦାବି କରି ତାଙ୍କ ସ୍ୱାମୀ ଓ ପରିବାରର ଅନ୍ୟ ସଦସ୍ୟମାନେ ମହିଳାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ।

# ଜଣେ ବରକୁ ୨ ଥର ବିବାହ କଲେ ନାବାଳିକା

## ବାଲ୍ୟ ବିବାହ ନିରୋଧ ଆଇନ ପ୍ରହସନ

- ଚାଇଲ୍ଡ ଲାଇନ ସନ୍ଧ୍ୟାରେ ଉଠାଇ ଆଣିଥିଲା
- ସିଡବ୍ଲ୍ୟୁସିର ସହଯୋଗରେ ରାତିରେ ପୁନଃ ବିବାହ
- ୧୫ ହଜାର ଲାଞ୍ଚ ନେଇ ଛାଡ଼ିଥିବାର ଅଭିଯୋଗ

ନୟାଗଡ଼ ଅଫିସ,୧୮।୧

ମଙ୍ଗଳବାର ସନ୍ଧ୍ୟାରେ ନୟାଗଡ଼ ଚାଇଲ୍ଡ ଲାଇନ ବିବାହ ବେଦୀରୁ ଉଠାଇ ଆଣିଥିବା ଜଣେ ୧୫ ବର୍ଷର ନାବାଳିକା ବିଳମ୍ବିତ ରାତିରେ ପୁନଃ ବିବାହ କରିଥିବା ଅଭିଯୋଗ ହୋଇଛି । ଜଣେ ବରକୁ ନାବାଳିକା ଗୋଟିଏ ଦିନରେ ଦୁଇଥର ବିବାହ କରିବା ଘଟଣା ଚର୍ଚ୍ଚକୁ ଆସିଛି। ଏଭଳି ଘଟଣା ପଛରେ ନୟାଗଡ଼ର ସିଡବ୍ଲ୍ୟୁସି(ଜିଲା ମଙ୍ଗଳ ସମିତି)ର କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି । ୧୫ ହଜାର ଟଙ୍କା ଲାଞ୍ଚ ନେଇ ସିଡବ୍ଲ୍ୟୁସି ସଭାପତି ନାବାଳିକାଙ୍କୁ ଛାଡି ଦେଇଥିବା ଅଭିଯୋଗ ହୋଇଛି। କେତେଜଣ ଦାୟିତ୍ୱହୀନ ଲୋକଙ୍କ ପାଇଁ ନୟାଗଡ଼ ଜିଲାରେ ବାଲ୍ୟ ବିବାହ ନିରୋଧ ଆଇନରେ ବ୍ୟତିକ୍ରମ ଘଟିଛି । ଏ ସଂକ୍ରାନ୍ତରେ ପ୍ରଚାର ହେବା ପରେ ନାବାଳିକା ବିବାହକୁ ପଣ୍ଡ କରାଉଥିବା ଚାଇଲ୍ଡ ଲାଇନ ପାଇଁ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେବ ବୋଲି ଅଭିଯୋଗ ହେଉଛି । ଜିଲାପାଳ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ବାଲ୍ୟ ବିବାହ ନିରୋଧ ଆଇନ ବାଟବଣା ହୋଇଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ସିପାହି ଅସୁରୁଡ଼ିପା ଅଞ୍ଚଳରେ ଜଣେ ୧୫ ବର୍ଷର ନାବାଳିକା ବିବାହ କରୁଥିଲେ । ଏହି ବିବାହ ପାଇଁ କନ୍ୟା ଓ ବର ପକ୍ଷଙ୍କ ସମ୍ମତି ଥିଲା । ଭୋଜି ଭାତ ଚାଲିଥିଲା । ବିବାହ ହେଉଥିଲା । ଖବର ପାଇ ଚାଇଲ୍ଡଲାଇନ ନୟାଗଡ଼ ସଦର ଥାନା ପୋଲିସ ସହାୟତାରେ ବିବାହ ବେଦୀରୁ ନାବାଳିକାଙ୍କୁ ଉଠାଇ ଆଣି ବିବାହକୁ ପଣ୍ଡ କରିଥିଲା । ସନ୍ଧ୍ୟାରେ ନାବାଳିକାଙ୍କୁ ସିଡବ୍ଲ୍ୟୁସିରେ ହାଜର କରାଯାଇଥିଲା । ତେବେ ସିଡବ୍ଲ୍ୟୁସି ପ୍ରସଙ୍ଗକୁ ହାଲକା ଭାବେ ନେଇ ସେହି ନାବାଳିକାଙ୍କୁ ତାଙ୍କ ମା'ବାପାଙ୍କୁ ହସ୍ତାନ୍ତର କରିଥିଲା । ସିଡବ୍ଲ୍ୟୁସିର ସଫେଇ ଅନୁସାରେ ନାବାଳିକା ଚେତାଶୂନ୍ୟ ହୋଇ ଯିବାରୁ ତାଙ୍କ ପରିବାର ଲୋକଙ୍କ ପାଖକୁ ପଠାଇ ଦିଆଯାଇଥିଲା । ସିଡବ୍ଲ୍ୟୁସି ଡାକ୍ତରଖାନାକୁ ନ ପଠାଇ ମା'ବାପାଙ୍କୁ ହସ୍ତାନ୍ତର କରିଥିବାରୁ ନାନା ପ୍ରକାର ସନ୍ଦେହ ସୃଷ୍ଟି ହେଉଛି । ଘରକୁ ଫେରିବା ପରେ ନାବାଳିକାଙ୍କ ପୁନଃ ବିବାହ କାର୍ଯ୍ୟ ଶେଷ ହୋଇଥିଲା । ପୋଲିସ ଜାଣି ଚୁପ୍ ରହିଥିଲା । ଚାଇଲ୍ଡ ଲାଇନ ଜାଣି ଅଜଣା ହୋଇଗଲା । ସିଡବ୍ଲ୍ୟୁସି ନୀରବ ରହିଗଲା । ଏସବୁ ଘଟଣା ପାଇଁ ସିଡବ୍ଲ୍ୟୁସି ସଭାପତି ଲାଞ୍ଚ ନେଇଥିବା ଅଭିଯୋଗର ତଦନ୍ତ ହେବା ଦରକାର ବୋଲି ଦାବି ଉଠିଛି ।

ଏନେଇ ଆଇନଜିବୀ ରଣଜିତ ଦାଶ କୁହନ୍ତି, ନାବାଳିକାଙ୍କୁ ଛାଡିବା ଠିକ୍ ନୁହେଁ। ୧୫ ହଜାର ଲାଞ୍ଚ ପାଇଁ ନାବାଳିକାଙ୍କୁ ଛାଡି ଦେବା ପରେ ଭିନ୍ନ ବାର୍ତ୍ତା ଗଲା । ନାବାଳିକା ପୁନଃ ବିବାହ କରିବାରୁ ବାଲ୍ୟ ବିବାହ ନିରୋଧ ଆଇନରେ କଳଙ୍କ ଲାଗିଲା । ଏଥିପାଇଁ କାର୍ଯ୍ୟାନୁଷ୍ଠାନ କାହିଁ। ଯେଉଁମାନେ ଏଭଳି ଅନିୟମିତତା ପଛରେ ଅଛନ୍ତି ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ । ସିଡବ୍ଲ୍ୟୁସି ସଭାପତି ସନ୍ତୋଷ କୁମାର ସାହୁ କୁହନ୍ତି, ନାବାଳିକା ସିଡବ୍ଲ୍ୟୁସିରେ ବାରମ୍ବାର ଚେତାଶୂନ୍ୟ ହୋଇଯିବାରୁ ମା'ବାପାଙ୍କୁ ହସ୍ତାନ୍ତର କରାଯାଇଥିଲା । ତେବେ ଡାକ୍ତରଖାନାକୁ ପଠାଇ ଥିଲେ ଭଲ ହୋଇଥାନ୍ତା,ଯାହାକି ଟେନଶନ ଦେଇଛି। ତେବେ ହସ୍ତାନ୍ତର ପଛରେ ୧୫ ହଜାର ଲାଞ୍ଚ କାରବାର ଠିକ୍ ନୁହେଁ ବୋଲି କହିଛନ୍ତି। ଏହା ଭିତ୍ତିହୀନ ଅଭିଯୋଗ । ସାବାଳିକା ନ ହେବା ପର୍ଯ୍ୟନ୍ତ ବିବାହ ନ ଦେବା ପାଇଁ ତାଙ୍କ ମା'ବାପା ଅଣ୍ଡରଟେକିଂ ଦେଇଛନ୍ତି । ନାବାଳିକା ବୁଧବାର ସିଡବ୍ଲ୍ୟୁସିରେ ହାଜର ହୋଇଥିଲେ । ପୁଣି ଆଉ ୨ଟି ତାରିଖରେ ହାଜର ହେବାର ଅଛି । ନାବାଳିକା ବିବାହ କରିବାର କୌଣସି ଲକ୍ଷଣ ବୁଧବାର ଦେଖିବାକୁ ମିଳି ନାହିଁ । ଏହି ଘଟଣାକୁ ଆମ୍ଭେ ଗୁରୁତର ସହ ନେଇଛୁ ବୋଲି ସଫେଇ ଦେଇଛନ୍ତି ।

# ଅଭିଯୋଗ ଶୁଣିବା ବଦଳରେ ରାଗିଲେ ବିଡିଓ

## ଭିଡିଓ ଭାଇରାଲ ପରେ ବିଭିନ୍ନ ମହଲରେ ନିନ୍ଦା

ନୂଆଗାଁ,୧୮।୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବିଡିଓଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚାଲିଥିବା ଅନିୟମିତତା ବାବଦରେ ଜଣାଇବାକୁ ମଙ୍ଗଳବାର ଲୋକମାନେ ଯାଇଥିଲେ। ହେଲେ ବିଡିଓ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ବଦଳରେ ରାଗି ଯାଇଥିଲେ । ଯାହାର ଭିଡିଓ ଭାଇରାଲ ହେବାରେ ଲାଗିଛି । ଏହାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ଚାହାଳୀ, ଦୁର୍ଦ୍ଧୁରା ଓ ଢେଙ୍କେଣା ପଞ୍ଚାୟତର ବହୁ ମହିଳା,ପୁରୁଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ କରିବାକୁ ନୂଆଗାଁ ବିଡିଓଙ୍କ ପ୍ରକୋଷ୍ଠକୁ ଯାଇଥିଲେ। ତାଲିକାରେ ନାଁ ରହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କେମିତି ତାଲିକାରୁ ନାଁ କଟି ଯାଉଛି, ବର୍ଷ ବର୍ଷ ଧରି ଅପେକ୍ଷା କଲେ ମଧ୍ୟ ଆବାସ ଯୋଜନାରେ ଗୃହ ମିଳୁନାହିଁ। କିଭଳି ତାଲିକାରୁ ଆମର ନାଁ କଟୁଛି ଓ ଅଯୋଗ୍ୟ ହିତାଧିକାରୀ କେମିତି ଘର ପାଉଛନ୍ତି ବୋଲି ବିଡିଓଙ୍କୁ ଲୋକମାନେ ପ୍ରଶ୍ନ କରିଥିଲେ । ଆମ କଥା ନ ବୁଝିଲେ ଆମେ ରାସ୍ତାରେ ବସିବୁ ବୋଲି ଅଭିଯୋଗକାରୀମାନେ କହିଥିଲେ। ଏତିକି କଥାରେ ବିଡିଓ ରାଗି ଯାଇ ଯାଅ ରାସ୍ତାରେ ବସ ବୋଲି କହିଥିଲେ। ବ୍ଲକର କେତେଜଣ କର୍ମଚାରୀ , ୩ ସରପଞ୍ଚଙ୍କ ଉପସ୍ଥିତିରେ ଅଭିଯୋଗକାରୀ ଓ ବିଡିଓଙ୍କ ମଧ୍ୟରେ କଥା କଟାକଟି ପରେ ବିଡିଓ ଉତ୍ତ୍ୟକ୍ତ ହୋଇ ଅଭିଯୋଗକାରୀଙ୍କ ଉପରକୁ ଝାମ୍ପି ପଡିଥିଲେ । ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି । ତେବେ ଏ ବାବଦରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ମୋ ପ୍ରକୋଷ୍ଠରେ ଗହଳି କରିବା ସହ ମୋ କଥାକୁ ନ ଶୁଣି ଅଭିଯୋଗକାରୀମାନେ ଅଯଥା ଯୁକ୍ତି କରିଥିଲେ । ସେହି ସମୟରେ ଜଣେ ଯୁବକ ମୋବାଇଲରେ ସୁଟିଂ କରୁଥିଲେ । ତାକୁ ବାରଣ କରିବା ପାଇଁ ମୁଁ ଚେୟାରରୁ ଉଠି ମୋବାଇଲକୁ ହାତ ବଢାଇଥିଲି । ସେହି ଦୃଶ୍ୟକୁ ମୋବାଇଲରେ ରେକର୍ଡିଂ କରି ଭାଇରାଲ କରାଯାଇଛି ବୋଲି ସେ କହିଛନ୍ତି।



ଭାଇରାଲ ହୋଇଥିବା ଭିଡ଼ିଓରେ ବିଡିଓ ।

# ଦଶପଲ୍ଲା କପ୍ ଫୁଟବଲ: ଚୌଦ୍ୱାର ଟିମ୍ ବିଜୟୀ

ଦଶପଲ୍ଲା,୧୮।୧ (ଡି.ଏନ୍.ଏ.)

ସ୍ଥାନୀୟ ଗାନ୍ଧୀ ମଇଦାନରେ ଚାଲିଥିବା ୨୩ତମ ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ୱାଇଏଏଫସି ଚୌଦ୍ୱାର ସହ ଭଞ୍ଜନଗର ମଧ୍ୟରେ ମୁକାବିଲା ହୋଇଥିଲା । ନିର୍ଦ୍ଧାରିତ ସମୟ ମଧରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ଦେଇ ସ୍ଥିତି ବରାବର ରଖିଥିଲେ। ଶେଷରେ ଟାଇବ୍ରେକ୍‌ର ସାହାରା ନିଆଯାଇଥିଲା । ଏଥିରେ ଚୌଦ୍ୱାର ଟିମ୍ ୫ଟି ଗୋଲ ଦେଇଥିବା ବେଳେ ଭଞ୍ଜନଗର ୩ ଗୋଲ ଦେବାକୁ ସକ୍ଷମ ହୋଇଥିଲା । ଫଳରେ ଚୌଦ୍ୱାର ଦଳକୁ ବିଜୟୀ ଘୋଷିତ କରାଯାଇଥିଲା । ଆଜିର ମ୍ୟାଚ୍‌କୁ ରେଫରୀ ପ୍ରତାପ କୁମାର ମୁଦୁଲି ପରିଚାଳନା କରିଥିଲେ ।

ଅତିଥି ଭାବେ କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଉପେନ୍ଦ୍ର କୁମାର ନାୟକ, ବ୍ଲକ୍ ସହକାରୀ ଯନ୍ତ୍ରୀ ଶଶୀରେଖା ଜେନାଙ୍କ ସହ ଅନୁଷ୍ଠାନର ସଭାପତି କୁଞ୍ଜବିହାରୀ ମିଶ୍ର, ଉପସଭାପତି ବୈକୁଣ୍ଠ ନାଥ ପରିଡା,ଦିଲ୍ଲୀପ କୁମାର ପଣ୍ଡା, ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଆଜିର ଖେଳକୁ ଉପଭୋଗ କରିଥିଲେ ।

# ଓଡ଼ଗାଁ ବ୍ଲକ ୩ୟ ସାଧାରଣ ଅଧିବେଶନ

## ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ଗୁରୁତ୍ୱାରୋପ

ଓଡ଼ଗାଁ,୧୮।୧ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସାଧାରଣ ଅଧିବେଶନ ବୁଧବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ବ୍ଲକ ଅଧକ୍ଷ ଲୋକନାଥ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଉପାଧକ୍ଷା ମୀରା ନାୟକ, ବିଡ଼ିଓ ସ୍ୱାତୀଲେଖା ଦାସଙ୍କ ସମେତ ସମସ୍ତ ନିର୍ବାଚିତ ଜିଲା ପରିଷଦ ସଦସ୍ୟ, ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ । ଏଥିରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ସମ୍ପର୍କରେ ଆଲୋଚନା ହେବା ସହିତ ଏନେଇ ଜିଲାପାଳଙ୍କୁ ଭେଟିବାକୁ ନିଷ୍ପତ୍ତି ହୋଇଥିଲା । ଏଥିସହିତ ଲଡୁବାବା ମନ୍ଦିରଙ୍କୁ ଉନ୍ନୟନ ପାଇଁ ପାଣି ଯୋଗାଣ, ବ୍ଲକରେ ପାନୀୟ ଜଳଯୋଗାଣ ପାଇଁ ଫେବୃୟାରୀ ଶେଷ ଆଡକୁ ମୋବାଇଲ ଭ୍ୟାନ୍ ଚାଲୁ କରିବାକୁ ନିଷ୍ପତ୍ତି ହୋଇଥିଲା । ଏହା ସହିତ ବିଭିନ୍ନ ଉନ୍ନୟନ ପାଣ୍ଠିର ସଦୁପଯୋଗ କରିବା ଉପରେ ଗୁରୁତ୍ୱପୂର୍ଣ ନିଷ୍ପତ୍ତି ନିଆଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ



@ ସମ୍ରାଟ



@ ଜଗନ୍ନାଥ



@ ସୌମ୍ୟ



@ ସନ୍ତୋଷ




@ ବିଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସୁବ୍ରତଙ୍କୁ ରେଳ ମନ୍ତ୍ରୀ ଜୀବନ ରକ୍ଷା ପଦକ

ଖଣ୍ଡପଡ଼ା,୧୮।୧(ସ୍ୱ.ପ୍ର.)

ପୂର୍ବତଟ ରେଳପଥ ଭୁବନେଶ୍ୱର ରେଳ ଷ୍ଟେଶନର ଆର୍‌ପିଏଫ୍ କନ୍‌ଷ୍ଟେବଳ ସୁବ୍ରତ କୁମାର ମହାରଣା ୨୦୨୦ ବର୍ଷ ପାଇଁ ରେଳମନ୍ତ୍ରୀଙ୍କ ଜୀବନ ରକ୍ଷା ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ମହାରଣା ୨୦୨୦ ଫେବୃୟାରୀ ୧୫ରେ ପୁରୀ- ସମ୍ବଲପୁର ଇଣ୍ଟର ସିଟି ଏକ୍ସପ୍ରେସରେ ଚଢିବାକୁ ଚେଷ୍ଟା କରୁଥିବା ଜଣେ ମହିଳା ଯାତ୍ରୀଙ୍କୁ ନିଶ୍ଚିତ ମୃତ୍ୟୁରୁ ରକ୍ଷା କରିଥିଲେ । ତାଙ୍କ ସତର୍କତା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ରେଳ ଟ୍ରାକ୍‌ରେ ପଡିବା ପୂର୍ବରୁ ମହିଳାଯାତ୍ରୀଙ୍କ ଜୀବନ ରକ୍ଷା ପାଇଥିଲା । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୁପ ନାରାୟଣ ସୁନକର ମଙ୍ଗଳବାର ମହାରଣାଙ୍କୁ ତାଙ୍କ କାର୍ଯ୍ୟାଳୟକୁ ଡ଼କାଇ ଏହି ଖୁସି ଖବର ଜଣାଇବା ସହ ଅଭିନନ୍ଦନ ଜଣାଇଥିଲେ । ମହାରଣାଙ୍କୁ ଏହି ପଦକ ପାଇଁ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ରେଳ ବିଭାଗ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁବ୍ରତଙ୍କୁ ପଦକ ସହ ଅର୍ଥରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ହାଟମୁଣ୍ଡପାଟଣା ଗ୍ରାମର ବିଶିଷ୍ଟ ସମବାୟବିତ୍ ଶରତ ଚନ୍ଦ୍ର ମହାରଣାଙ୍କ କନିଷ୍ଠ ପୁଅ ସୁବ୍ରତ ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ତାଙ୍କ ଗାଁରେ ଖୁସିର ଲହରି ଖେଳି ଯାଇଛି।

ସୂଚନାଯୋଗ୍ୟ,୨୦୨୦ ଫେବୃୟାରୀ ୧୫ ସନ୍ଧ୍ୟାରେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆଇଟି ଅଧାପିକା ନିବେଦିତା ସାହୁ(୨୭) ଏବଂ ତାଙ୍କ ସାନଭାଇ ଢେଙ୍କାନାଳ ମେରାମଣ୍ଡଳୀ ଯିବା ପାଇଁ ଭୁବନେଶ୍ୱର ଷ୍ଟେଶନରେ ପହଞ୍ଚି ଥିଲେ । ଏହି ସମୟରେ ପୁରୀ-ସମ୍ବଲପୁର ଇଣ୍ଟର ସିଟି ଏକ୍ସପ୍ରେସ ଟ୍ରେନ୍ ପ୍ଲାଟଫର୍ମ ଛାଡୁଥିଲା । ନିବେଦିତାଙ୍କ ସେଦିନ ଏନ୍‌ଗେଜମେଣ୍ଟ ଥିବାରୁ ବ୍ୟସ୍ତତା ମଧରେ ଉଭୟେ ଚଳନ୍ତା ଟ୍ରେନରେ ଚଢିବାକୁ ଚେଷ୍ଟା କରିଥିଲେ । ହେଲେ ନିବେଦିତାଙ୍କ ଗୋଡ଼ ଖସି ଯାଇଥିଲା । ସେ ଚଳନ୍ତା ଟ୍ରେନରୁ ଖସି ଟ୍ରାକ୍‌ରେ ପଡିବାର ସମ୍ଭାବନା ଥିଲା । ଏପରି ସ୍ଥିତି ଦେଖି ସେଠାରେ କାର୍ଯ୍ୟରତ କନ୍‌ଷ୍ଟେବଳ ସୁବ୍ରତ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ନିବେଦିତାଙ୍କୁ ପ୍ଲାଟଫର୍ମ ଆଡକୁ ଟାଣି ଆଣିଥିଲେ । ଫଳରେ ତାଙ୍କର ତ୍ୱରିତ ପଦକ୍ଷେପ ଯୋଗୁଁ ନିବେଦିତା ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ ।



ପୂର୍ବତଟ ରେଳପଥର ମହାପ୍ରବନ୍ଧକ ସୁବ୍ରତଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ।

## ନୟାଗଡ଼ ଜିଲା ପାଇଁ ଆଣିଲେ ଗୌରବ

# ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଖଣ୍ଡପଡ଼ା ଥାନା ସମ୍ମୁଖରେ ଧାରଣା

## ରୁବିନା ହତ୍ୟାକାଣ୍ଡ ଘଟଣା

ଖଣ୍ଡପଡ଼ା,୧୮।୧(ସ୍ୱ.ପ୍ର.)

ଖଣ୍ଡପଡ଼ା ଥାନା ଅଧୀନ ବଡବାଣପୁର ପଞ୍ଚାୟତ କୁମୁଣ୍ଡିଗ୍ରାମର ବ୍ରଜବନ୍ଧୁ ନାୟକଙ୍କ ଝିଅ ରୁବିନାକୁ ପଡୁରିଆ ଗ୍ରାମର ସର୍ବେଶ୍ୱର ରାଉତ ଓ ତାଙ୍କ ସମ୍ପର୍କୀୟ ମାନେ ହତ୍ୟା କରିଥିବା ନେଇ ଗତ ୨୦୨୨ ଅକ୍ଟୋବର ୨୦ରେ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଥିଲା । ସେହି ଅଭିଯୋଗ ଆଧାରରେ ପୋଲିସ ସର୍ବେଶ୍ୱରଙ୍କ ସମେତ ତାର ସମ୍ପର୍କୀୟ ୮ଜଣଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଥିଲା । ପରବର୍ତ୍ତୀ ସମୟରେ ପୋଲିସ ସର୍ବେଶ୍ୱରଙ୍କୁ ଗିରଫ କରି ଜେଲ ପଠାଇ ଦେଇଥିଲା। ତେବେ ଅନ୍ୟ ୮ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ନ ଥିଲା । ଦୀର୍ଘ ୩ ମାସ ଅତିବାହିତ ହୋଇ ଯାଇଥିଲେ ମଧ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନ ଥିବାରୁ ମୃତ ଯୁବତୀଙ୍କ ପରିବାର ପକ୍ଷରୁ ନୟାଗଡ଼ ଏସ୍‌ପି ଓ ପୋଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାତ୍ର କୌଣସି ସୁଫଳ ମିଳି ନ ଥିଲା ।

ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଖଣ୍ଡପଡ଼ା ବ୍ଲକ ଶାଖାର ଆହ୍ୱାନ କ୍ରମେ ଶତାଧିକ ସଦସ୍ୟା ଓ ସଦସ୍ୟମାନେ ଖଣ୍ଡପଡା ଥାନା ସମ୍ମୁଖରେ ବୁଧବାର ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ନାରୀନେତ୍ରୀ ସଂଯୁକ୍ତା ସେଠୀ, ରୁପ ମଞ୍ଜରୀ ସାହୁ, ସନ୍ତୋଷିନୀ ସାହୁ, ବାସନ୍ତୀ ବେହେରା, ସାମାଜିକ କର୍ମୀ ସୁରେଶ ସ୍ୱାଇଁ, ଶ୍ରମିକ ସଂଗଠନର ବରିଷ୍ଠ ନେତା ଚାପଧାରୀ ରାଉତଙ୍କ ନେତୃତ୍ୱରେ ମହିଳାମାନେ ଏକ ଶୋଭାଯାତ୍ରାରେ ଖଣ୍ଡପଡ଼ା ସହର ପରିକ୍ରମା କରିବା ପରେ ଥାନା ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ । ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ନେଇ ଆନ୍ଦୋଳନକାରୀମାନେ ଏକ ଦାବିପତ୍ର ପୋଲିସ ପ୍ରଶାସନକୁ ପ୍ରଦାନ କରିଥିଲେ। ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଆଇଆଇସି ରମେଶ କୁମାର ଦେବତା, ଫତେଗଡ଼ା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସମେତ ଜିଲା ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରିଣୀ ପ୍ରମୁଖ ଧାରଣାରତ ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।




ଥାନା ସମ୍ମୁଖରେ ଧାରଣା ଦେଉଥିବା ଗ୍ରାମବାସୀ ।

